

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA　ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

Vol.5 | Issue- 51 | May 30 to June 5, 2022, | Jagatsinghpur, | Page-8 | Rs. 5/-

ବର୍ଷ-୫ | ସଂଖ୍ୟା- ୫୧ | ମଇ ୩୦ ରୁ ଜୁନ୍ ୫, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ନବୀନ ସରକାରଙ୍କ ୫ମ ପାଳିକୁ ୩ ବର୍ଷ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜନତାଙ୍କ ସରକାର ନବୀନ ସରକାର। ସ୍ୱଚ୍ଛ, ଦକ୍ଷ, ଉତ୍ତରାୟୀ ଓ ପାରଦର୍ଶିତା। ରାଜ୍ୟର ପ୍ରଶାସନ କେମିତି କାମ କରୁଛି। ଲୋକେ କେମିତି ସେବା ପାଉଛନ୍ତି। ନବୀନ ନେଉଛନ୍ତି ସିଧା ଫିଡ୍‌ବ୍ୟାକ୍। ଲୋକଙ୍କ ସହ ସିଧା କଥା ହେଉଛନ୍ତି। ୫ଟି ଜରିଆରେ ଆରମ୍ଭ ହୋଇଥିଲା ପ୍ରଶାସନିକ ଢାଞ୍ଚାଗତ ପରିବର୍ତ୍ତନ। 'ଟିମ୍ ୱାର୍କ', ଟେକ୍ନୋଲୋଜି, ଟ୍ରାନ୍ସପେରେନ୍ସି, ଟାଇମଲିନେସ୍ ଓ ଟ୍ରାନସଫରମେସନ୍‌କୁ ଗୁରୁତ୍ୱ ଦେଇଛନ୍ତି ନବୀନ। ୫ଟି ସହ ଆରମ୍ଭ ହୋଇଥିଲା ମୋ ସରକାର। ଏ ଭିତରେ ସରକାରଙ୍କ ୩୧ଟି ବିଭାଗର ୨୫୦ ସେବା ଏବେ ମୋ ସରକାରର ସାମିଲ। ସରକାର ଓ



ସରକାରୀ ଅନୁଷ୍ଠାନଗୁଡିକ ପ୍ରତି ଲୋକଙ୍କ ଦୃଷ୍ଟି ଭଙ୍ଗିରେ ବ୍ୟାପକ ପରିବର୍ତ୍ତନ ଆଣିଛି ମୋ ସରକାର।

ଦୁର୍ନୀତି ବିରୋଧରେ ନବୀନ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି। ଦଳ ହେଉ କି ପ୍ରଶାସନିକ କଳ ଦୁର୍ନୀତିକୁ କଦାପି ବରଦାସ୍ତ କରିନାହାଁନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୁର୍ନୀତି ଓ ଜନବିରୋଧୀ କାର୍ଯ୍ୟ ଯୋଗୁ ବିଜେଡିରୁ ତଡା ଖାଇଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ସେହିପରି ଦୁର୍ନୀତି ଓ ଅପାରଗତା ପାଇଁ ସରକାରୀ ଅଧିକାରୀଙ୍କୁ ଚାକିରୀରୁ ବିଦା ସହ ବାଧ୍ୟତାମୂଳକ ଅବସର କିମ୍ବା ପେନସନ୍ ବନ୍ଦ ହୋଇଛି। ୮୫୩ ସରକାରୀ ଅଫିସରଙ୍କୁ ଗିରଫ କରିଛି ଭିଜିଲାନ୍ସ। ୨୦୧୯ରୁ ୨୦୨୨ ମଧ୍ୟରେ ମୋଟ ୧୬୪ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେ ଭିତରେ ୫୭ଜଣଙ୍କର ପେନସନ୍ ବନ୍ଦ କରାଯାଇଛି। ଆଇଏଫଏସ୍ ଅଫିସର ଅଭୟକାନ୍ତ ଓ ଆଇଏଏସ୍ ଅଫିସର ବିନୋଦ କୁମାରଙ୍କୁ ଚାକିରିରୁ ବିଦା କରାଯାଇଛି। ସାରା ଦେଶରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ଉଦାହରଣ ସାଜିଛି ଓଡ଼ିଶା।

ନବୀନଙ୍କ ୫ମ ପାଳିରେ ଫୋକସ୍‌ରେ ରହିଛି ଜଳସେଚନ ପ୍ରକଳ୍ପ। ଲକ୍ଷ୍ୟ, ୨୦୨୪ ସୁଦ୍ଧା ୧୫ଟି ପ୍ରମୁଖ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ। ପ୍ରଯୁକ୍ତି ବିଦ୍ୟା, (ପୃଷ୍ଠା-୨)

# ପାଣ୍ଡିଆନ୍‌ଙ୍କ ଜନ୍ମଦିନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆଜି(୨୯ ତାରିଖ) ଓଡ଼ିଶାର ବହୁ ଚର୍ଚ୍ଚିତ ବ୍ୟକ୍ତିତ୍ୱ ତଥା ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ୍‌ଙ୍କ ଜନ୍ମଦିନ। ସେ ରାଜ୍ୟର ବହୁ ଲୋକପ୍ରିୟ ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ବଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ୫-ଟି ସଚିବ ମଧ୍ୟ ଅଛନ୍ତି। ବର୍ତ୍ତମାନ ରାଜ୍ୟରେ ଜଣେ ଲୋକପ୍ରିୟଙ୍କ ଭିତରେ ନବୀନ ପଟ୍ଟନାୟକଙ୍କ ପରେ ଭି.କେ.ପାଣ୍ଡିଆନ୍‌ଙ୍କ ନାଁ



ଆସୁଛି। ବର୍ତ୍ତମାନ ରାଜ୍ୟରେ ଯେଉଁସବୁ ଜନହିତକାର କାର୍ଯ୍ୟ ଚାଲୁଛି ତା ପଛରେ ପ୍ରମୁଖ ବିନ୍ଧାଣୀ ହେଉଛନ୍ତି ଭି.କେ.ପାଣ୍ଡିଆନ୍। ହେଲେ ସେ କେବେ କେଉଁଠି ଏହାର ଶ୍ରେୟ ନେବାକୁ ଚାହିଁ ନାହାଁନ୍ତି। ବଡି ଭୋରରୁ ଉଠି ରାତି ୧ଟା ପର୍ଯ୍ୟନ୍ତ କାମ କରୁଥିବା ଜଣେ ଅଧିକାରୀ ହେଉଛନ୍ତି ଭି.କେ.ପାଣ୍ଡିଆନ୍। ଓଡ଼ିଶାର କିପରି ଉନ୍ନତି ହେବ ସେନେଇ ସେ ଅହରହ ନିଜର ଉଦ୍ୟମ ଜାରି ରଖିଛନ୍ତି।

୨୦୦୦ ବ୍ୟାଚ୍ ଓଡ଼ିଶା କ୍ୟାଡର ଅଧିକାରୀ ପାଣ୍ଡିଆନ୍ ମୟୂରଭଞ୍ଜ ଏବଂ ଗଞ୍ଜାମ ଜିଲ୍ଲାର (ପୃଷ୍ଠା-୨)

# ମାନସ ମଙ୍ଗରାଜଙ୍କୁ ସମ୍ମାନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶକ୍ତ କଲମକୁ ଅସ୍ତ୍ର କରି ଆରମ୍ଭ କରିଥିଲେ ଖବର ଲେଖା। ଦୈନନ୍ଦିନ ଲୋକଙ୍କ ଖବରକୁ ଲୋକଲୋଚନକୁ ଆଣିପାରିଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଉଥିଲେ। ସାମ୍ବାଦିକତାର ଅସ୍ତ୍ରରେ ସାଧାରଣ ଲୋକଙ୍କ ସମସ୍ୟାକୁ ସେ କରିଥିଲେ ପଣ। ଅତି ନିକଟରୁ ଖବରକୁ ତୋଳିଧରିବାରେ ସେ ଥିଲେ ସିଦ୍ଧହସ୍ତ। ସାମ୍ବାଦିକ ଭାବେ କାର୍ଯ୍ୟ କରିବା ସମୟରେ ମଧ୍ୟ ଜନତାଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସାମ୍ବାଦିକରୁ ସଫଳ ରାଜନେତା ସାଜିଛନ୍ତି ମାନସ ମଙ୍ଗରାଜ।



ସାମ୍ବାଦିକତାରେ ଯେତିକି ଚର୍ଚ୍ଚିତ ଥିଲେ ରାଜନୀତିରେ ମଧ୍ୟ ସେତିକି ପ୍ରଭାବୀ। ୨୦୧୮ ମସିହାରେ ମାନସ ବିଜୁ ଜନତା ଦଳରେ ଯୋଗ ଦିଅନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ତାଙ୍କୁ ଅନୁପ୍ରାଣିତ କରେ। ରାଜ୍ୟର ବିକାଶ ପ୍ରକ୍ରିୟାରେ ନିମିତ୍ତ ସହଯୋଗ ନିମନ୍ତେ ବିଜେଡିର ସଦସ୍ୟତା ମଧ୍ୟ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ତଥା ବିଜେଡିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରନ୍ତି।

ଦୀର୍ଘ ଦିନ ଧରି ଦଳରେ ସଚ୍ଚୋଟତାର ସହ କାର୍ଯ୍ୟ କରିଚାଲିଛନ୍ତି (ପୃଷ୍ଠା-୨)

# ପ୍ରାର୍ଥୀଙ୍କ ପ୍ରତିକ୍ରିୟା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସୁଲତା ଦେଓ, ମାନସ ରଞ୍ଜନ ମଙ୍ଗରାଜ, ଡକ୍ଟର ସସ୍ମିତ୍ ପାତ୍ର ଓ ନିରଞ୍ଜନ ବିଶି। ଏହି ୪ ଜଣଙ୍କୁ ବିଜେଡି ରାଜ୍ୟସଭା ଟିକେଟ୍ ଦେଇଛି। ରାଜ୍ୟସଭା ଟିକେଟ୍ ମିଳିବା ପରେ କିଏ ପ୍ରତିକ୍ରିୟାରେ କଣ କହିଛନ୍ତି।

ମାନସ ରଞ୍ଜନ ମଙ୍ଗରାଜ- ସାମ୍ବାଦିକରୁ ରାଜନେତା ଏବେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଅଛନ୍ତି। ଦଳର ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟସଭା ପାଇଁ ନାଁ ଘୋଷଣା ପରେ ମାନସ ମଙ୍ଗରାଜ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସଂସଦରେ ଓଡ଼ିଶା କାର୍ଯ୍ୟ ଦାବିକୁ ଉପସ୍ଥାପନ କରିବେ ବୋଲି କହିଛନ୍ତି।

ଡକ୍ଟର ସସ୍ମିତ୍ ପାତ୍ର- ନାଁ ଘୋଷଣା ପରେ ସସ୍ମିତ୍ ପାତ୍ର ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ସାଢେ ୪ କୋଟି ଓଡ଼ିଆଙ୍କ ସ୍ୱରକୁ ଆହୁରି ସାଣିତ କରି ସଂସଦରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ସସ୍ମିତ୍ ପାତ୍ର। ଦିଲ୍ଲୀ ଦରବାରରେ ହକ୍ ପାଇଁ ଲଢେଇ କରୁଛୁ, ଆଗକୁ ଜାରି ରହିବ ବୋଲି କହିଛନ୍ତି ସସ୍ମିତ।

ସୁଲତା ଦେଓ- ସମାଜସେବୀ ତଥା ବିଜେଡିର ମୁଖପାତ୍ର ସୁଲତା ଦେଓ। ଏବେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପରାମର୍ଶଦାତା ଅଛନ୍ତି ସୁଲତା ଦେଓ। ସରପଞ୍ଚ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ସୁଲତା। ରାଜ୍ୟସଭା ପାଇଁ ଟିକେଟ୍ ମିଳିବା ପରେ ସେ ଭାବବିହ୍ୱଳ ହୋଇପଡିଛନ୍ତି। ସେ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ଆଗେଇନେବେ।

ନିରଞ୍ଜନ ବିଶି- ପଶ୍ଚିମ ଓଡ଼ିଶାର ଟାଣୁଆ ଆଦିବାସୀ ନେତା ହେଉଛନ୍ତି ନିରଞ୍ଜନ ବିଶି। ସେ ଏବେ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ଅଛନ୍ତି। ରାଜ୍ୟସଭା ଟିକେଟ୍ ପାଇବା ପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସରକାରଙ୍କ ଯୋଜନାକୁ ଆଦିବାସୀ ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଛନ୍ତି ନିରଞ୍ଜନ।

# ଉତ୍କଳ ସାମ୍ବାଦିକ ସଂଘ କଳି ଛିଡୁଛି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):- "ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ"**ରେ ପ୍ରତିପକ୍ଷ ବିରୋଧୀ ସାମ୍ବାଦିକ ଗୋଷ୍ଠୀଙ୍କ ମିଶ୍ରଣ ପର୍ବ ଗତ ସପ୍ତାହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ **ସଭାପତି ବିଭୂତି କରଙ୍କ** ଅଧକ୍ଷତାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରତିପକ୍ଷ ବିରୋଧୀ ସାମ୍ବାଦିକଙ୍କ ନେତା ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା ତାଙ୍କ ସମର୍ଥକଙ୍କ ସହିତ ପ୍ରାୟ ୭୫% କୁ ନେଇ ମିଶି ଥିବା ଆଲୋଚନା ହେଉଛି। କାରଣ



ଏହି ପ୍ରତିପକ୍ଷ ବିରୋଧୀ ସାମ୍ବାଦିକଙ୍କ ଗୋଷ୍ଠୀରେ ପ୍ରାୟ ୨୫% ବରିଷ୍ଠ ସାମ୍ବାଦିକମାନେ ଯୋଗ ଦେଇନଥିବା କୁହାଯାଉଛି। ସେମାନେ ସେମାନଙ୍କ ସ୍ୱାଭିମାନକୁ ବଳି ନ ପକାଇ ଓ ବିଶ୍ୱାସକୁ ନ ନେଇ ଏହି ମିଶ୍ରଣ ପର୍ବରେ ଯୋଗଦେଇନଥିବା ମଧ୍ୟ କୁହାଯାଉଥିବାର ଶୁଣାଯାଉଛି। ଯାହା ହେଉ ଦୀର୍ଘ ୭ ବର୍ଷ ଧରି ପ୍ରତିପକ୍ଷ ବିରୋଧୀ ସାମ୍ବାଦିକ ଗୋଷ୍ଠୀ ସଂଘ ବାହାରେ ରହି ସ୍ୱତନ୍ତ୍ର ଭାବେ ଉତ୍କଳ ସାମ୍ବାଦିକ ସଂଘ ନାମରେ ରାଜ୍ୟ ଠାରୁ ଆରମ୍ଭ କରି ବାହାର ରାଜ୍ୟରେ ଅନେକ ସଂଗଠନ କାର୍ଯ୍ୟ କରିଆସୁଛନ୍ତି। ସେତବେଳେ ଉତ୍କଳ ସାମ୍ବାଦିକ ସଂଘ ଦୁଇ ଗୋଷ୍ଠୀରେ ପରିଣତ ହୋଇଥିବା ବିଷୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏବେ ଏହାର ପରିସମାପ୍ତି ଘଟୁଥିବା ଆଲୋଚନା କରାଯାଉଛି। ଏହି ମିଶ୍ରଣ ପର୍ବରେ ବରିଷ୍ଠ ସାମ୍ବାଦିକ ଶ୍ରୀ ପଣ୍ଡା ତାଙ୍କର ସହଯୋଗୀ ଓ ସମର୍ଥକ ବରିଷ୍ଠ ସାମ୍ବାଦିକମାନଙ୍କୁ କିପରି ଅଣଦେଖା କରି ଉତ୍କଳ ସାମ୍ବାଦିକ ସଂଘର ସଭାପତି ଶ୍ରୀ କରଙ୍କ ସହିତ ମିଶିଲେ

# ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ମହାସଂଘର ନୂତନ କର୍ମକର୍ତ୍ତା

## ସଭାପତି ଦିପ୍ତୀ ମହାନ୍ତି



**ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ସାମ୍ବାଦିକା ମିଲନ୍ ଜେନା, ସାଧାରଣ ସମ୍ପାଦକ ଦୀପକ୍ ମହାନ୍ତି, ସହ-ସମ୍ପାଦକ ତନ୍ମୟକାନ୍ତ ପଣ୍ଡା, କୋଷାଦକ୍ଷ ବୃତ୍ତିସୁନ୍ଦର ସାହୁ, ସଂଗଠନର ସମ୍ପାଦକ ଲୋକନାଥ ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।**

# ବଜ୍ରରାଜନଗରରେ ବଜ୍ରପାତ କରିବ ବିଜେଡି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆଉ ଦିନକ ପରେ ବ୍ରଜରାଜନଗର ଉପ-ନିର୍ବାଚନ ଲାଗି ମତଦାନ ହେବ। କିନ୍ତୁ ଏହି ବ୍ରଜରାଜନଗର ଉପ-ନିର୍ବାଚନରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ସମସ୍ତଙ୍କ ଚିନ୍ତାଧାରାରେ ବିଜେଡି ସେଠାରେ ବାଜିମାତ୍ ମାରିବ ବୋଲି



ଆଲୋଚନା କରୁଥିବା ବେଳେ ଆଉ କେତେକ ସ୍ଥାନରେ କହୁଛନ୍ତି ବ୍ରଜରାଜନଗରରେ ବଜ୍ରପାତ କରିବ ବିଜେଡି। ମୋଟାମୋଟି ଦେଖିବାକୁ ଗଲେ ସେଠାରେ ବିଜେଡି ପ୍ରାର୍ଥୀ ଜିତିବା ଏକ ପ୍ରକାର ନିଶ୍ଚିତ ବୋଲି ଯାହା ଆଲୋଚନାରୁ ଆକଳନ କରାଯାଉଛି। ନିକଟରେ କେତେକ ସଦ୍ୟ ଉପ-ନିର୍ବାଚନ ଫଳାଫଳରୁ ଯାହା ଜଣାପଡୁଛି ପ୍ରତ୍ୟେକ ସ୍ଥାନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବ୍ରଜରାଜନଗରରେ ବିଜେଡି ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ ବୋଲି କୁହାଯାଇ ଆସୁଅଛି।

ଅନ୍ୟପକ୍ଷରେ, ଆଜି ରାଜନୈତିକ ଦଳଗୁଡିକର ପ୍ରଚାର ଶେଷ ହେଉଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମେ ୩୦ ତାରିଖ ସନ୍ଧ୍ୟା ସୁଦ୍ଧା ପୁର୍ଲିଂ ପାର୍ଟିଗୁଡିକ ସେମାନଙ୍କ ନିର୍ଦ୍ଧାରିତ ବୁଥ୍‌ରେ ପହଞ୍ଚିବେ। ବୁଥ୍ ଗୁଡିକରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। (ପୃଷ୍ଠା-୨)

# ବିଜେଡି ବିଜୟୀ

## ଜିଲ୍ଲା ପରିଷଦ ଉପନିର୍ବାଚନ

**କେନ୍ଦୁଝର(ସଂପର୍କବାର୍ତ୍ତା):-** କେନ୍ଦୁଝର ଜିଲ୍ଲା ଘଟଗାଁ ଜିଲ୍ଲା ପରିଷଦ ଉପନିର୍ବାଚନରେ ବାଜିମାରିଛି ବିଜେଡି। ଜିଲ୍ଲା ପରିଷଦ ଉପନିର୍ବାଚନରେ ବିଜେଡିର ରଣଜିତ ନାୟକ ବିଜୟୀ ହୋଇଛନ୍ତି। ଉପନିର୍ବାଚନରେ ରଣଜିତଙ୍କୁ ୧୮,୨୪୦ ଭୋଟ୍ ମିଳିଥିବା ବେଳେ ମହେଶ୍ୱରଙ୍କୁ ୫୧୨୨ ଖଣ୍ଡ ଭୋଟ ମିଳିଛି।

ତେବେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ୮ ନମ୍ବର ଜୋନ୍‌ରେ ଜିଲ୍ଲା ପରିଷଦ ଉପନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ଏଥିରେ ବିଜେଡି ପ୍ରାର୍ଥୀ ରଣଜିତ ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୧୩ ହଜାର ୧୧୮ ଖଣ୍ଡ ଭୋଟ ଅଧିକ (ପୃଷ୍ଠା-୨)

# ହୋଟେଲ୍‌ରେ କଂଗ୍ରେସକୁ ପିଟିଲେ !

## ବ୍ରଜରାଜନଗର ଉପ-ନିର୍ବାଚନ

**ଝାରସୁଗୁଡା(ସଂପର୍କବାର୍ତ୍ତା):-** ଆଉ ମାତ୍ର ଗୋଟିଏ ଦିନ ପରେ ହେବ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ। ଏ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ମଧ୍ୟ ଜୋରସୋରରେ ଚାଲିଛି। ଏହି ସମୟରେ ଆଜି ଲଖନପୁର ବ୍ଲକ୍ ଅନ୍ତର୍ଗତ ପଞ୍ଚଗା ଅଞ୍ଚଳର ଏକ ହୋଟେଲ୍‌ରେ କିଛି ବ୍ୟକ୍ତିଙ୍କ ଦ୍ୱାରା କଂଗ୍ରେସ କର୍ମୀଙ୍କ ଉପରେ ହୋଇଥିବା ଆକ୍ରମଣ ଓ ହୋଟେଲ୍‌ରେ କରିଥିବା ଭଙ୍ଗାରୁଜା ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି।

ସୂଚନା ଅନୁସାରେ ପଞ୍ଚଗା ଅଞ୍ଚଳର ଏକ ଢାବାରେ କଂଗ୍ରେସ ଦଳର କିଛି କାର୍ଯ୍ୟକର୍ତ୍ତା ଖାଉଥିବା ସମୟରେ ୧୫ରୁ ୧୭ ଜଣ ବ୍ୟକ୍ତି ଆସି ସେମାନଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ କିଛି ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ପୂର୍ବରୁ ପଞ୍ଚାୟତ ନିର୍ବାଚନ (ପୃଷ୍ଠା-୨)

# ମୁଖ୍ୟମନ୍ତ୍ରୀ ରହିବେ ବିଶ୍ୱବିଦ୍ୟାଳୟର କୁଳାଧିପତି:ମମତା

**କୋଲକାତା(ସଂପର୍କବାର୍ତ୍ତା):-** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ଗୁରୁବାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ଖୁବଶୀଘ୍ରରାଜ୍ୟପାଳଙ୍କ ବଦଳରେ ମମତା ବାନାର୍ଜୀ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ଦାୟିତ୍ୱ ତୁଲାଇବେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟପାଳ ରାଜ୍ୟ ବିଶ୍ୱବଦ୍ୟାଳୟର କୁଳପତି ଥିବା ବେଳେ ଏଣିକି ମୁଖ୍ୟମନ୍ତ୍ରୀ କୁଳାଧିପତି ରହିବେ ବୋଲି ଜଣାପଡିଛି ପଶ୍ଚମବଙ୍ଗ ବିଧାନସଭାରେ ଖୁବ୍ ଶୀଘ୍ର ଏହାକୁ ନେଇ ଏକ ସଂଶୋଧିତ ବିଲ୍ ଉପସ୍ଥାନ କରାଯିବ। ତେବେ ଗୁରୁବାର ଆୟେଜିତ ହୋଇଥିବା କ୍ୟାବେନେଟ ବୈଠକରେ ଏନେଇ ନିଷ୍ପତି ନିଆଯାଇଛି ରାଜ୍ୟ ଦ୍ୱାରା ପରିଚାଳିତ ହେଉଥିବା



ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ନିଯୁକ୍ତ କରିବା ପାଇଁ ଏକ ବିଲ୍ କୁ ପଶ୍ଚିମବଙ୍ଗ କ୍ୟାନିନେଟ ଅନୁମୋଦନ କରିଛି ବୋଲି ରାଜ୍ୟର ଶିକ୍ଷାମନ୍ତ୍ରୀ ବ୍ରତ୍ୟ ବସୁ ସୂଚନା ଦେଇଛନ୍ତି ସୂଚନାଯୋଗ୍ୟ , ନିକଟରେ ରାଜ୍ୟପାଳ ଜଗଦୀପ ଧନଖରଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ଯେ, ସେ ରାଜ୍ୟ ସରକାର ସହମିତ ବିନା ଅନେକ କୁଳପତିଙ୍କ ନିଯୁକ୍ତ କରିଥିଲେ। ଗତ କିଛି ଦିନ ପୂର୍ବରୁ ବିଶ୍ୱବିଦ୍ୟାଳୟରେ କୁଳପତି ଙ୍କ ନିଯୁକ୍ତିକୁ ନେଇ ପଶ୍ଚିମବଙ୍ଗରେ ଉତ୍ତେଜନା ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା ତେବେ ଏହି ମାମଲାରେ ରାଜ୍ୟପାଳଙ୍କ କ୍ଷମତା ହ୍ରାସ କରିବା ପାଇଁ ମମତା ସରକାର ଏଭଳି ବଡ ପଦକ୍ଷେପ ଗ୍ରହଣ କରିଛନ୍ତି। ସୂଚନା ମୁତାବକ, ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଓ ମମତା ସରକାରଙ୍କ ମଧ୍ୟ ବିବାଦ ସୁବବେଳେ ଚର୍ଚ୍ଚାରେ ରହିଥାଏ ରାଜ୍ୟପାଳ ଜଗଦୀପ ଧନଖର ଲଗାତର ଭାବେ ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଥାନ୍ତି।

# ପାକିସ୍ତାନର ନ୍ୟାୟ ବ୍ୟବସ୍ଥା ଭାରତଠାରୁ ଭଲ:ମେହେବୁବା

**ଶ୍ରୀନଗର(ସଂପର୍କବାର୍ତ୍ତା):-** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ଥରେ କେନ୍ଦ୍ରରେ ମୋଦୀ ସରକାରୀଙ୍କୁ ଟାର୍ଗେଟ କରି ଭାରତ ବିରୁଦ୍ଧରେ ବିଷ ଓଗାଳିଛନ୍ତ। ପାକିସ୍ତାନକୁ ଭାରତ ସହ ତୁଳନା କରି ମୁଫତି କହିଛନ୍ତି ଯେ ପାକିସ୍ତାନରେ ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରିବା ଅଭିଯୋଗ ଆସିବା ପରେ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ସହ ଆଜୀବନ କାରାଦଣ୍ଡ ଦିଆଯାଇଥିଲା କିନ୍ତୁ ଭାରତରେ ଏଭଳି ହୋଇନାହିଁ।
୨୦୧୫ମସିହାରେ ଭାରତରେ ଅନେକ ଅଖଲକଙ୍କ ମୃତ୍ୟୁ ଘଟିଥିଲେ ବି ସେମାନଙ୍କର



ଅପରାଧୀଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଛି ପିଡିପି ମୁଖ୍ୟ ମେହବୁବା ମୁଫତି କହିଛନ୍ତି ଯେ ପାକିସ୍ତାନ ଏବଂ ଭାରତ ସରକାରଙ୍କ ,ମଧ୍ୟରେ ପାର୍ଥକ୍ୟ ହେଉଛି ଯେ ମୋଦୀ ସରକାର ଦେଶରେ ସାମ୍ପ୍ରଦାୟିକ ହିଂସାବଢାଉଛନ୍ତି। ପାକିସ୍ତାନକୁ ପ୍ରଶଂସା କରି ମୁଫତି କହିଛନ୍ତି ଯେ ପାକିସ୍ତାନରେ ଦଙ୍ଗା କରୁଥିବା ବ୍ୟକ୍ତିଙ୍କ ବିରଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଗୋଷ୍ଠିଗତ ଆକ୍ରମଣର ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଓ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି, କିନ୍ତୁ ୨୦୧୫ବର୍ଷପରେ ଏଠାରେ ଅନେକ ଅଖଲକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି । ଏଠାରେ ଅପରାଧୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଥିବାବେଳେ ଦଣ୍ଡ ଦିଆଯାଉନାହିଁ ମେହବୁବା ମୁଫତି ଆହୁରି କହିଛନ୍ତି ଯେ ଏହା ହେଉଛି ପାକିସ୍ତାନ ଓ ଭାରତ ମଧ୍ୟରେ ନ୍ୟାୟବ୍ୟସ୍ଥାର ପାର୍ଥକ୍ୟ।

# ପ୍ରତି ମାସରେ ଘର ଲୋକଙ୍କୁ ୧୦ଲକ୍ଷ ପଠାଉଛି ଦାଉଦ

**ମୁମ୍ବାଇ(ସଂପର୍କବାର୍ତ୍ତା):-** ପଳାତକ ଆତଙ୍କୀ ଦାଉଦ ଇବ୍ରାହିମ ଏବଂ ଏହାର ଅନ୍ୟ ସଦସ୍ୟଙ୍କ ବିରୋଧରେ ମନି ଲଣ୍ଡିଂ ମାମଲାରେ ଯାଂଚ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହାତରେ ଲାଗିଛି ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଏହି ଗ୍ୟାଙ୍ଗଷ୍ଟର ପ୍ରତିମାସରେ ଇକବାଲ କାସକର ସହିତ ତାର ଭାଇ , ଭଉଣୀ ଏବଂ ପରିଜନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପଠାଉଥିବା ଇଡି ଜାଣିବାକୁ ପାଇଛି ଯେ। ଏହି ସୂଚନା ଖାଲିଦ ଶେଖ ଇଡିକୁ ଦେଇଛି। ସେ ସୂଚନାରେ କହିଛି ଖାଲିଦ ଉସମାନ ଶେଖ ,ଇକବାଲର ପିଲା ଦିନର ବନ୍ଧୁର ସାନ ଭାଇ ଇକବାଲ କାସକରଙ୍କ ପିଲାଦିନର ବନ୍ଧୁଙ୍କ ମୃତ୍ୟୁ ହୋଇସାରିଛି ଖାଲିଦଙ୍କ ବଡ ଭାଇ ଅବଦୁଲ ସମଦ , ଇକବାଲ କାସକରଙ୍କ ଘନିଷ୍ଠ ବନ୍ଧୁଥିଲା ଯିଏ ଡି-କମ୍ପାନୀ ପାଇଁ କାମ କରୁଥିଲା ୧୯୯୦ଡିସେମ୍ବର ରେ ଦାଉଦ ଇବ୍ରାହିମ ଓ ଅରୁଣ ଗବଲି ଗ୍ୟାଙ୍ଗ ଭିତରେ ହୋଇଥିବା ଗ୍ୟାଙ୍ଗ ଓ୍ୱାରେରେ ଅବଦୁଲ ସମଦର ମୃତ୍ୟୁ ହୋଇଥିଲା ଏନସିପିର



ମନ୍ତ୍ରୀ ନବାବ ମଲିକଙ୍କ ଅର୍ଥ ହେରଫେର ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ତଥ୍ୟ ଦେଇଛି ମାମଲରେ ଜଣେ ସାକ୍ଷୀ ଭାବେ ଖାଲିଦ ଉସମାନ ଏହା କହିଛି । ଇକବାଲ କାସକର ଏହି କଥା ତା ଆଗରେ କହିଥିବା ଖାଲିଦ ଇଡିକୁ କହିଛି ଇଡିକୁ ବୟାନ ଦେଇ ଖାଲିଦ ଉସମାନ କହିଛି ତାର ଭାଇ ଅବଦୁଲ ଏବଂ ଇକବାଲ ପିଲାବେଳର ସାଙ୍ଗ ଥିଲେ ଇକବାଲ ଦୁବାଇରେ ଥିଲା ସେ ଭାରତ ଫେରିବା ପରେ ତାଙ୍କ ମାକୁ ଦେଖିବାକୁ ଆସିଥିଲା ସେବେଠାରୁ ଇକବାଲ ତାକୁ ଇବବାଲ ତାକୁ ଓ ତା ଭାଇ ସବିର ଉସମାନକୁ ଯେବେବି ଡକରା ପଠାଇଛି ସେ ଯାଇଛନ୍ତି । ସୂଚନା ଥାଉକି ସବିର ଉସମାନ ଏକ ଡ୍ରସ୍ ମାମଲାରେ ଗିଫର ହୋଇ ଜେଲ ଯାଇଛି ଇକବାଲ କାସକର ସହଯେତେବେଳେ ଦେଖାସାକ୍ଷାତ ହୋଇଥିଲା ସେତେବେଳେ ଦାଉଦ ଇବ୍ରାହିମ ତାର ସମସ୍ତ ଭାଇ ଓ ଭଉଣୀଙ୍କୁ ତଥା ସମ୍ପର୍କୀୟଙ୍କୁ ପ୍ରତି ମାସରେ ୧୦ଲକ୍ଷ ଲେଖାଏଁ ପଠାଉଥିବା ଖାଲିଦ କହିଛି ଏହି ଟଙ୍କାରୁ ଦାଉଦ ତା ସହେଯାଗୀଙ୍କ ହାତରେ ପଠାଉଥିଲେ। କେବଳ ସେତିକି ନୁହେଁ ଇକବାଲ କାସକରଙ୍କୁ ମଧ୍ୟ ପ୍ରତି ମାସରେ ଦାଉଦ ୧୦ଲକ୍ଷ୍ୟ ଲେଖାଏଁ ପଠାଉଥିବା ଖାଲିଦ କହିଛି। ଏହି ଟଙ୍କାକୁ ଦାଉଦ ତା ସହଯୋଗୀଙ୍କ ହାତରେ ପଠାଉଥିଲା କେବଳ ସେତିକି ନୁହେଁ ଇକବାଲ କାସକରଙ୍କୁ ମଧ୍ୟ ପ୍ରତି ଦାଉଦ ୧୦ଲକ୍ଷ ଟଙ୍କା ଦେଉଥିବା ଖାଲିସ ଇଡି ଆଖରେ ଖୁଲାସା କରିଛି।

# କୋଟିପତି ସୁଇପର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଏପରି ଏକ କୋଟିପତି ସୁଇପର, ଯେ କି ଗତ ୧୦ବର୍ଷ ହେବ ଦରମା ଟଙ୍କା ଉଠାଉ ନାହାନ୍ତି । ସଙ୍ଗମନଗରୀ ପ୍ରୟୋଗରାଜରେ ମୁଖ୍ୟମନ୍ତ୍ରୀଙ୍କ ଅଫିସର କୁଷ୍ଠରୋଗ ବିଭାଗରେ କାମ କରୁଛନ୍ତି ଜଣେ କୋଟିପତି ସୁଇପର। ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ କି, ତାଙ୍କ ଆକାଉଣ୍ଟର ୭୦ଲକ୍ଷ ଟଙ୍କା ଥିବା ସହ ତାଙ୍କର ଜମି ନିଜ ଘର ମଧ୍ୟ ଅଛି। ସେ ଗତ ୧୦ ବର୍ଷ ହେବ ନିଜ ଦରମାରୁ ଗୋଟିଏ ବି ଟଙ୍କା ବି ଉଠାଉନାହାନ୍ତି। ଏବେ ବ୍ୟାଙ୍କ କର୍ମଚାରୀ ତାଙ୍କୁ ଟଙ୍କା ଉଠାଇବାକୁ ନିବେଦନ କରୁଛନ୍ତି। କିନ୍ତୁ ସୁଇପର ଧୀରଜ ଲୋକଙ୍କୁ ଟଙ୍କା ମାଗି ନିଜର ଗୁଜୁରାଣ କରୁଛନ୍ତି। ସିଏମଓ ଅଫିସ ପାଖରେ ଯିବା ଆସିବା କରୁଥିବା ଲୋକଙ୍କଠାରୁ ସେ ଟଙ୍କା ମାଗନ୍ତି। ତେବେ ଧୀରଜଙ୍କ ବେଶଭୂଷା ଓ ଖରାପ ପୋଷାକ ଦେଖି ଯେ କେହି ବି ତାଙ୍କୁ ଭିକାରୀ ଭାବନ୍ତି। ଲୋକଙ୍କ ଗୋଡ ଧରି




ସେ ଟଙ୍କା ମାଗନ୍ତି ଓ ସେଥିରେ ନିଜର ଖର୍ଚ୍ଚ କରନ୍ତି। ଲୋକମାନେ ବି ତାଙ୍କ ଟଙ୍କା ଦେଇଦିଅନ୍ତି । କିନ୍ତୁ ଧୀରଜ ସାଧାରଣ ଲୋକ ନୁହେଁ ସେ ଜଣେ କୋଟିପତି।

ମିଳିଥିବା ସୂଚନା ଅନୁସାରେ, ଧୀରଜଙ୍କ ପିତା କୁଷ୍ଠରୋଗ ବିଭାଗରେ ସୁଇପର ଭାବେ କାମ କରୁଥିଲେ। ଚାକିରି କରୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଗଲା ମୃତକଙ୍କ ପରିବାର ପକ୍ଷରୁ ଧୀରଜଙ୍କୁ ୨୦୧୨ରେ ସେହି ପଦବୀରେ ଚାକିରି ମିଳିଗଲା ସେବେଠାରେ ଧୀରଜ ବ୍ୟାଙ୍କରୁ ଦରମା ଟଙ୍କା ଉଠାଇ ନାହାନ୍ତି ସେ ଅଧିକାରୀ ଓ କର୍ମଚାରୀଙ୍କୁ ଟଙ୍କା ମାଗି ନିଜର ଗୁଜୁରାଣ କରନ୍ତି। ଏହା ବ୍ୟତୀତ ତାଙ୍କ ମାଙ୍କର ପେନସନ ବି ଆସୁଛି କିନ୍ତୁ ଏକ ଖାସ୍ କଥା ହେଉଛି କି , ଧୀରଜ ସରକାରଙ୍କୁ ଇନକମ୍ ଟ୍ୟାକ୍ସ ବି ଦେଉଛି। ଯେବେ ବ୍ୟାଙ୍କର ଅଧିକାରୀ ଧୀରଜଙ୍କ ଖୋଜି ଖୋଜି କଷ୍ଠରୋଗ ବିଭାଗରେ ପହଂଚିଥିଲେ ସେବେ ଏହି ଘଟଣାରେ ଖଲାସା ହୋଇଥିଲା କୋଟିପତି ଧୀରଜ ନିଜ ଭଉଣୀ ଓ ମାଙ୍କ ସହ ରହୁଛି। ତାଙ୍କ ବାହାଘର ଏପର୍ଯ୍ୟନ୍ତ ହୋଇନଥିବା ବେଳେ ସେ ବି ଏଥିପ୍ରତି ଇଛାପ୍ରକାଶ କରୁନାହାନ୍ତି ତାଙ୍କ ଟଙ୍କା କାଳେ କିଏ ନେଇଯିବ, ସେନେଇ ତାଙ୍କର ଡର କରିଛି। କର୍ମଚାରୀଙ୍କ କହିବା ମୁତାବକ, ଧୀରଜଙ୍କର ଟିକେ ମୁଣ୍ଡଦୋଷ ଅଛି କିନ୍ତୁ ସେ ସଚ୍ଚୋଟ ଓ ପରିଶ୍ରମୀ ବୋଲି ସେମାନେ କହିଛନ୍ତ।

# ମହିଳାଙ୍କ ପେଟରୁ ବାହାରିଲା ୨୮ କୋଟି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଉଗାଣ୍ଡାରୁ ଆସି ନୂଆଦିଲ୍ଲୀ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଦୁଇଜଣ ମହିଳାଙ୍କୁ ଗିରଫ କରାଯାଇଛି। ସେମାନେ ତାଙ୍କ ପେଟରେ ୨୮ କୋଟି ଟଙ୍କାର ୧୮୧ଟି କୋକେନ୍ କ୍ୟାପ୍ସୁଲ୍ ଲୁଚାଇ ରଖିଥିଲେ ବୋଲି କଷ୍ଟମ ଅଧିକାରୀ କହିଛନ୍ତି। ଜବତ ହୋଇଥିବା କୋକେନ୍‌ର ଓଜନ ୨ କିଲୋ ବୋଲି କୁହାଯାଉଛି।



କଷ୍ଟମ୍ସ ଅଧିକାରୀଙ୍କ କହିବା ଅନୁସାରେ ଉଗାଣ୍ଡାରୁ ଆସିଥିବା ଜଣେ ମହିଳା ମେ ୨୨ ତାରିଖ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିଥିଲେ। ସେଠାରେ ସେ ସନ୍ଦେହଜନକ ଅବସ୍ଥାରେ ଧରାପଡିଥିବା ବେଳେ ସେ ନିଜ ଶରୀରରେ କିଛି ବିଷାକ୍ତ ପଦାର୍ଥ ଲୁଚାଇ ରଖିଥିବା ଜଣାପଡିଥିଲା। ଯେତେବେଳେ ମହିଳାଙ୍କୁ ହସ୍ପିଟାଲକୁ ନିଆଯାଇ ଏକ୍ସ-ରେ କରାଗଲା, ସେତବେଳେ ତାଙ୍କ ପେଟରେ ୮୦ଟି କ୍ୟାପ୍ସୁଲରେ ମୋଟ ୯୭୫ ଗ୍ରାମ ଓଜନର କୋକେନ୍ ଥିବା ବେଳେ ଆନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୧୪.୩୫ କୋଟି ହେବ।

ସେହିଭଳି ମେ ୨୬ରେ ଯେତେବେଳେ ଉଗାଣ୍ଡାର ଅନ୍ୟ ଜଣେ ମହିଳା ଦିଲ୍ଲୀ ବିମାନବନ୍ଦରରେ ଗ୍ରୀନ୍ ଚ୍ୟାନେଲ୍ ଅତିକ୍ରମ କରୁଥିଲେ, ସେତବେଳେ ତାଙ୍କୁ ସନ୍ଦେହ ଆଧାରରେ ଧରାଯାଇଥିଲା। ପ୍ରଥମେ ସବୁ କଥା ଫାଙ୍କି ଦେଇଥିବା ଏହି ମହିଳାଙ୍କୁ ଆରଏମଏଲ୍ ହସ୍ପିଟାଲ୍‌କୁ ନିଆଯାଇଥିଲା, ଯେଉଁଠାରେ ତାଙ୍କ ପେଟରୁ ୮୧ଟି କୋକେନ୍ ଭର୍ତ୍ତି କ୍ୟାପ୍ସୁଲ୍ ବାହାରିଥିଲା। ଏହି କୋକେନ୍‌ର ମୂଲ୍ୟ ପ୍ରାୟ ୧୩.୬ କୋଟି ଟଙ୍କା ବୋଲି ଜଣାପଡିଛି। ଏହି ଅଭିଯୋଗରେ ମହିଳାଦ୍ୱୟଙ୍କୁ ଗିରଫ କରାଯାଇଛି।

# ଚୌଦ୍ୱାର ପୋଲିସ୍‌କୁ ପ୍ରଶଂସା




**କଟକ(ତପନ ମହାନ୍ତି):-** ପ୍ରତିଦିନ ଭୋର ୫ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଚୌଦ୍ୱାର ଗ୍ରାମାଂଚଳ ସମେତ ପୌରାଂଚଳରେ ବୁଲି ଆଇନଶୃଙ୍ଖଳା ସ୍ଥିତି ପରଖିବା ସହିତ ଜନସମ୍ପର୍କ ବଢାଉଛନ୍ତି ଚୌଦ୍ୱାର ଥାନା ଅଧିକାରୀ ବିରଂଚି ନାରାୟଣ ପତି, ଶ୍ର ପତି ପ୍ରତିଦିନ ଥାନା କ୍ୱାଟରୁ ବାହାରି ଚୌଦ୍ୱାର ପୌରାଂଚଳର ୧୯ଟି ୱାର୍ଡ ସମେତ ଗ୍ରାମାଂଚଳକୁ ମର୍ଣ୍ଣିଂୱାକରେ ଯାଇ ବିଭିନ୍ନ ଛକରେ ବସିଥବା ସାଧାରଣ ଲୋକଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ସମସ୍ୟା ବୁଝୁଛନ୍ତି। ବାଣୀପଦା, ଶଙ୍କରପୁର, ଆଗ୍ରାହଟ, କୁଜିବର, ବଡସାମନ୍ତରାପୁର, ଓଟିଏମ କଲୋନି, ଶ୍ରୀବିହାର କଲୋନି, ବାଟବୁଡି କଲୋନି ହାଉସିଂବୋର୍ଡ, ଟେନମେଣ୍ଟ ଅଂଚଳ, ମୁଣ୍ଡମାଳ, ଚୌଦ୍ୱାର ଗ୍ରାମ ପାଇକରାପୁର, ଡିହସାହି ଆଦି ଅଂଚଳରେ ବୁଲିବା ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ଆଲୋଚନା କରୁଛନ୍ତି । ଜନସାଧାରଣଙ୍କ ପୁଲିସ ପ୍ରତି ଥିବା ଭୟକୁ ଦୂର କରିବା ଏବଂ ଅଂଚଳକୁ ଅପରାଧମୁକ୍ତ କରିବା ପାଇଁ ଥାନା ଅଧିକାରୀ ଶ୍ରୀ ପତିଙ୍କ ଏଭଳି ନିଆରା ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଉଛି ।

## ପ୍ରଥମ ପୃଷ୍ଠାରୁ...

### ନବୀନ...

ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ ନୀତି, ଶ୍ରମିକ କଲ୍ୟାଣ ଆଦିର ସଫଳ ପ୍ରୟୋଗ କରାଯାଇ ଜଳସଂପଦ କ୍ଷେତ୍ରରେ ଅଣାଯାଉଛି ପରିବର୍ତ୍ତନ। କେବଳ ଏତିକି ନୁହେଁ ଅଚଳ ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ସରକାର ନାନା ପଦକ୍ଷେପ ନେଇ ପ୍ରଶଂସିତ ହୋଇଛନ୍ତି।

### ପାଣ୍ଡିଆନ୍‌ଙ୍କ...

କଲେକ୍ଟର ଭାବେ କାମ କରିବା ପରେ ମେ ୨୦୧୧ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହୋଇଥିଲେ। ସେଇଦିନ ଠାରୁ ଆରମ୍ଭ ହେଲା ଅଭ୍ୟୁଦୟ। ଯୁବ ବୟସରେ ସେ କିପରି ନବୀନଙ୍କ କାର୍ଯ୍ୟକୁ ସଫଳ ରୂପାୟନ କରିବେ ସେ ନେଇ ଆରମ୍ଭ କଲେ ଉଦ୍ୟମ। ତାଙ୍କର କାର୍ଯ୍ୟଦକ୍ଷତା ଦେଖି ନବୀନ ଧିରେ ଧିରେ ପାଣ୍ଡିଆନ୍‌ଙ୍କ ଉପରେ ଭରଷା କରିବାକୁ ଲାଗିଲେ। ଫଳରେ ଏକଦା ମୁଖ୍ୟମନ୍ତ୍ରୀଙ୍କ ଅତି ଖାସ୍ ଥିବା ପ୍ୟାରିମୋହନ ମହାପାତ୍ରଙ୍କ କ୍ଷମତା ହ୍ରାସ ହେବାରେ ଲାଗିଲା। ଏପରି ମେ ୨୯ ତାରିଖରେ ତାଙ୍କର ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନକୁ ହିଁ ପାଣ୍ଡିଆନ୍ ଭାଙ୍ଗି ଚୁରମାର୍ କରିଦେଇଥିଲେ। ସେଇଦିନ ଠାରୁ ଆଜି ପର୍ଯ୍ୟନ୍ତ ଭି.କେ.ପାଣ୍ଡିଆନ୍ ଓଡ଼ିଶା ରାଜନୈତିକ ତଥା ପ୍ରଶାସନିକ ଇତିହାସରେ ଏକ ବଡ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଭାବେ ପରିଗଣିତ ହୋଇଆସୁଛନ୍ତି।

### ମାନସ...

ମାନସ। ରାଜନୈତିକ ଜୀବନ ଭିତରେ ସେ ଅନେକ ସଫଳତାର ପାହାଚ ଅତିକ୍ରମ କରିଆସିଛନ୍ତି। ଦଳର ବିଭିନ୍ନ କାର୍ଯ୍ୟକ୍ରମ, ସାଂଗଠନିକ ପ୍ରକ୍ରିୟା, ନିର୍ବାଚନ ପ୍ରକ୍ରିୟା ଆଦିରେ କାର୍ଯ୍ୟ କରି ପ୍ରଶଂସା ସାଉଣ୍ଟିଛନ୍ତି। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ପାଣ୍ଠି ଠାରୁ ଆରମ୍ଭ କରି ରାଜ୍ୟରେ ବର୍ଷ ବର୍ଷ ଧରି ଖବରକାଗଜ ଯୋଗାଉଥିବା ହକରଙ୍କୁ ସମ୍ମାନର ସହ ବଞ୍ଚିବା ନିମନ୍ତେ ଜୀବନବୀମା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାରେ ସେ ସାଜିଥିଲେ ମୁଖ୍ୟ ନାୟକ। ସବୁ ସମୟରେ ସବୁ ବର୍ଗଙ୍କ ଲାଗି ପ୍ରତିନିଧିତ୍ୱ କରିଆସୁଛନ୍ତି ମାନସ ମଙ୍ଗରାଜ। ଯେଉଁଥି ପାଇଁ ମୁଖ୍ୟମନ୍ତ୍ରୀ ପୁନଶ୍ଚ ମାନସଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରିଛନ୍ତି ରାଜ୍ୟସଭା ସଦସ୍ୟ ପଦ। ୨୦୨୨ ରାଜ୍ୟସଭା ନିର୍ବାଚନରେ ବିଜୁ ଜନତା ଦଳ ସାମ୍ବାଦିକରୁ କ୍ୟାରିୟର ଆରମ୍ଭ କରିଥିବା ମାନସ ମଙ୍ଗରାଜଙ୍କୁ ରାଜ୍ୟସଭା ନିମନ୍ତେ ପ୍ରାର୍ଥୀ ଘୋଷଣା କରିଛି। ସୁଦକ୍ଷ ନେତୃତ୍ୱ, ଓଡ଼ିଶାର ବିଭିନ୍ନ ସମସ୍ୟା ସହ ଜଡିତ ମାନସ ଆଗାମୀ ଦିନରେ ଉଚ୍ଚ ସଦନରେ ରାଜ୍ୟର ସ୍ୱାର୍ଥଜନିତ ଖବରକୁ ଉ□ାପନ କରିବେ। ସାଂସଦ ଭାବେ ନିର୍ବାଚିତ ହୋଇ ଓଡ଼ିଶାର ସମସ୍ୟାକୁ ଉପସ୍ଥାପନ କରି ହକ୍ ଛଡାଇ ଆଣିବାରେ ମାଧ୍ୟମ ସାଜିବେ। ଯେଉଁଥି ପାଇଁ ମୁଖ୍ୟମନ୍ତ୍ରୀ ମାନସଙ୍କ ଉପରେ କରିଛନ୍ତି ଆସ୍ଥା ପ୍ରକଟ।

### ଉତ୍କଳ...

ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିବା ଲକ୍ଷ୍ୟ କରାଯାଉଛି। କୁଆଡେ ଏହି ଉତ୍କଳ ସାମ୍ବାଦିକ ବିବାଦୀୟ ଘଟଣାରେ ଅନେକ ମାଲିମକଦ୍ଦମା ଥାନାଠାରୁ କୋର୍ଟ ପର୍ଯ୍ୟନ୍ତ ଥିବାରୁ ଏହାକୁ ଉଠାଇଦେବା ଲକ୍ଷ୍ୟରେ ଏହି ମିଶ୍ରଣ ପର୍ବର ଉଦ୍ଦେଶ୍ୟ ବୋଲି ଅନେକ ଆଲୋଚନା ମଧ୍ୟ କରୁଛନ୍ତି। ଥାନା ଠାରୁ କୋର୍ଟ ପର୍ଯ୍ୟନ୍ତ ଥିବା ମାମଲାଗୁଡିକ ପ୍ରତ୍ୟାହାର ପରେ ଏହି ମିଶ୍ରଣ ପର୍ବରେ ସାମିଲ୍ ହୋଇଥିବା ଶ୍ରୀ ପଣ୍ଡାଙ୍କ ଗୋଷ୍ଠୀ ଶେଷରେ ଶିଶୁପାଳ ହୋଇପାରନ୍ତି ବୋଲି ଅନେକ ବରିଷ୍ଠ ସାମ୍ବାଦିକ ବିଶେଷଜ୍ଞମାନେ ଏପରି ଅନୁମାନ କରି **ଜୟଦେବ ଭବନ ଛକ ଓ ଚା ଖଟିରେ** ଏପରି ଆଲୋଚନା କରୁଥିବା ଶୁଣାଯାଉଛି। ଏହି ମିଶ୍ରଣ ପର୍ବ କେବଳ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ପପୁ ମହାନ୍ତି ଓ ବୈଷ୍ଣମ ଚରଣ ଜେନାଙ୍କ ଉଦ୍ୟମ କ୍ରମେ ସଫଳ ହୋଇଛି ବୋଲି କୁହାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପଣ୍ଡାଙ୍କ ସମେତ ବରିଷ୍ଠ ସାମ୍ବାଦିକ ହାରାଧନ ବାନାର୍ଜୀ, ପୂର୍ଣ୍ଣଚନ୍ଦ୍ର ନାୟକ, ରବି ନାରାୟଣ ଖିଲାର, ପ୍ରଭାତ କୁମାର ମିଶ୍ର, ସତ୍ୟନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ମନୋଜ ପ୍ରଧାନ, ଭରତ ବେହେରା, ଜିତେନ୍ଦ୍ର ସାହୁ, ପ୍ରଭାକର ସିରୋମଣୀ, ରାଜେନ୍ଦ୍ର ଚୌଧୁରୀ, ସୌରଭ ପଟ୍ଟନାୟକ, ସତ୍ୟବ୍ରତ ଦାସ, ଶ୍ରୀକାନ୍ତ ଖଟେଇ, ରାଧାକାନ୍ତ ମିଶ୍ର, ରାଜକିଶୋର ସ୍ୱାଇଁ, ଲଲାଟେନ୍ଦୁ ସେନାପତି, ରଶ୍ମିରଞ୍ଜନ ମିଶ୍ର, ବିଶ୍ୱଜିତ ନାୟକ, ପ୍ରସନ୍ନ ତ୍ରିପାଠୀ, ଫିଲ୍‌ମୋନ ନାୟକ, ଆଦର୍ଶ ପଟ୍ଟନାୟକ, ସଂପଦ ଅଗ୍ରୱାଲା, ଜଗଦିଶ ପୁରୋହିତ, ଜୟସେନ ପରିଡା, ରାଜୀବ ଲୋଚନ ଦାସ, ବାସୁଦେବ କୁରାଢ, ଲାଲବିହାରି ମିଶ୍ର, ସନ୍ତୋଷ କୁମାର ଦାସ, ସନ୍ତୋଷ କୁମାର ପାଣିଗ୍ରାହୀ, ନିରାକାର ଦଳାଇ, ଶ୍ରୀନିବାସ ପାତ୍ର, ଅଶୋକ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କ୍ରମଶଃ...

### ବଜ୍ରରାଜନଗରରେ...

ଏହି ଉପ-ନିର୍ବାଚନ ପାଇଁ ମେ ୩୧ ତାରିଖ ପୂର୍ବାହ୍ନ ୭ଟାରୁ ମତଦାନ ଆରମ୍ଭ ହେବ। ଏହା ସନ୍ଧ୍ୟା ୬ଟା ଯାଏଁ ଜାରି ରହିବ। ମତଦାନର ଗଣତି ଓ ନିର୍ବାଚନ ଫଳାଫଳ ଜୁନ୍ ୩ ତାରିଖରେ ପ୍ରକାଶ ପାଇଛି। ଆଜି(ରବିବାର) ଶେଷ ଦିନ ଥିବାରୁ ରାଜ୍ୟର ତିନି ପ୍ରମୁଖ ଦଳ ପକ୍ଷରୁ ହେବିୱେଟ୍ ନେତା ପ୍ରାର୍ଥୀଙ୍କ ସହ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ବିଜୁ ଜନତା ଦଳର ପ୍ରାର୍ଥୀ ଅଳକା ମହାନ୍ତି, ଭାରତୀୟ ଜନତା ଦଳର ପ୍ରାର୍ଥୀ ରାଧାରାଣୀ ପଣ୍ଡା, କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ୍‌ଙ୍କ ସମେତ ମୋଟ ୧୧ଜଣ ପ୍ରାର୍ଥୀ ଉପ-ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି।

### ବିଜେଡି...

ପାଇ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ରଣଜିତ ନାୟକ ୧୮ ହଜାର ୨୪୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ମହେଶ୍ୱର ନାୟକ ୫ ହଜାର ୧୨୨ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଦୟାନିଧି ନାୟକ ୬୦୭ ଖଣ୍ଡ ଭୋଟ ପାଇଛନ୍ତି।

ଏଥିରେ ମୋଟ ୬୭୦ ଖଣ୍ଡ ଭୋଟ ନାକଚ ଯାଇଛି। ବିଜେଡି ପ୍ରାର୍ଥୀ ବିଜୟୀ ହେବା ପରେ ସେ ବିଜୟର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କୁ ଦେଇଛନ୍ତି। ଏହା ସହ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟାର ସମାଧାନ ପାଇଁ ସେ ପ୍ରୟାସ କରିବେ ବୋଲି କହିଛନ୍ତି।

### ହୋଟେଲ୍‌ରେ...

ସମୟରେ ମଧ୍ୟ ଦୁଇ ପ୍ରମୁଖ ଦଳ ମଧ୍ୟରେ ନିର୍ବାଚନୀ ସିଂସା ଦେଖିବାକୁ ମିଳିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ନିର୍ବାଚନ ମୁଣ୍ଡ ଉପରେ ଥିବା ସମୟରେ ଏପରି ନିର୍ବାଚନୀ ହିଂସା ପାଇଁ ଦାୟୀ କିଏ ? ଏହା କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଛି ନା ଏହା ପଛରେ ଅନ୍ୟ କିଛି କାରଣ ଅଛି।

# ସମ୍ଭୋଗ ସୁଖ ପରେ ଚାଲିଗଲା ସ୍ମରଣ ଶକ୍ତି !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆୟର୍ଲାଣ୍ଡର ସମ୍ଭୋଗ ସୁଖ ଜଣେ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପତ୍ନୀଙ୍କ ସହ ଆନନ୍ଦ ଉଠାଇବାର ୧୦ ମିନିଟ ପରେ ହଠାତ୍ ଉକ୍ତ ବ୍ୟକ୍ତିଜଣଙ୍କ ତାଙ୍କ ସ୍ମରଣ ଶକ୍ତି ହରାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନେବାକୁ ପଡିଥିଲା। ଏହି ଘଟଣା ପ୍ରକାଶ ପାଇବା ପରେ



ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇପଡିଥିଲେ। ଡାକ୍ତରଙ୍କ ମତରେ ଏହା ଟ୍ରାଂଜିଏଟ୍ ଗ୍ଲୋବାଲ୍ ଆମନେସିଆ ନାମକ ଏକ ରୋଗ। ତେବେ ସେକ୍ସ ପରେ ଏ ଭଳି ଘଟଣା ସମ୍ମୁଖକୁ ଆସିନ ଥିଲା। ଭାଗ୍ୟ ଭଲ ଉକ୍ତ ୬୬ ବର୍ଷୀୟ ବ୍ୟକ୍ତିଙ୍କ ସ୍ମରଣ ଶକ୍ତି ଚିକିତ୍ସା ପରେ ଫେରି ଆସିଛି।

ଦିନକ ପରେ ସେ ତାଙ୍କ ବିବାହ ବାର୍ଷିକୀ ପାଳନ କରିଥିଲେ। ସ୍ମରଣ ଶକ୍ତି ଯିବା ପରେ ସେ ତାଙ୍କ ଝିଅକୁ ବାରମ୍ବାର ୨/୩ ଦିନ ତଳର ଘଟଣା ମନେ ପକାଇବାକୁ କହିଥିଲେ। ୫୦ରୁ ୭୦ ବର୍ଷ ବୟସ ଲୋକଙ୍କ ମଧ୍ୟ ଏହି ରୋଗ ଦେଖା ଦେଇଥାଏ। ଶରୀରରେ ହଠାତ ଅତ୍ୟଧିକ ଗରମ, ଥଣ୍ଡା, କଷ୍ଟ ଏବଂ ସମ୍ଭୋଗ ପରି ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ପରେ ଏହି ରୋଗଗ୍ରସ୍ତ ବ୍ୟକ୍ତି ସ୍ମରଣ ଶକ୍ତି ଭୁଲି ଯାଆନ୍ତି।

# ପଞ୍ଜାବରେ ଜୁଲାଇ ୧ରୁ ମାଗଣା ବିଦ୍ୟୁତ

**ଚଣ୍ଡିଗଡ(ସଂପର୍କବାର୍ତ୍ତା):-** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଏକ ବଡ ଘୋଷଣା କରିଛନ୍ତି। ଜୁଲାଇ ୧ ତାରିଖରୁ ରାଜ୍ୟର ପ୍ରତ୍ୟେକ ଘରକୁ ୩୦୦ୟୁନିଟ୍ ଯାଏଁ ବିଦ୍ୟୁତ୍ ମାଗଣାରେ ଯୋଗାଇବେ। ରାଜ୍ୟ ସରକାର ନିଜର ୩୦ଦିନ କାର୍ଯ୍ୟକାଳର ରିପୋର୍ଟ କାର୍ଡ ଜାରି କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ନେଇ ଭଗଓାନ୍ତ ମାନଙ୍କର ତରଫରୁ କୌଣସି ବୟାନ ଆସିନାହିଁ। ସୂଚବାଯୋଗ୍ୟ ଯେ, ପୂର୍ବରୁ ମାନ କହିଥିଲେ ଯେ ଏପ୍ରିଲ ୧୬ତାରିଖରେ ପଞ୍ଜାବର ଜନତାଙ୍କ ପାଇଁ ବଡ ଘୋଷଣା ହେବ। ସେହିପରି ମୁଖ୍ୟମନ୍ତ୍ରୀ ମାନ ମୁଖ୍ୟମନ୍ତ୍ରୀ



ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ମଧ୍ୟ ଭେଟିଛନ୍ତି। ପଞ୍ଜାବର ୩୦୦ୟୁନିଟ୍ ବିଦ୍ୟୁତ ପ୍ରତ୍ୟେକ ଘରକୁ ମାଗଣାରେ ଦିଆଯିବା ପାଇଁ ଯୋଜନା ପ୍ରସ୍ତୁତି ହୋଇଯାଇଛି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ମଇ ୩୦ ରୁ ଜୁନ୍ ୫, ୨୦୨୨, ଜଗତସିଂହପୁର

May 30 to June 5, 2022, Jagatsinghpur

www.samparkabarta.in




## ଦେହଜୀବୀଙ୍କୁ ହଇରାଣ କରିପାରିବନି ପୋଲିସ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେହଜୀବୀଙ୍କ ସ୍ୱାଧୀନତା ଓ ସମ୍ମାନକୁ ନେଇ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶେଷ କରି ସେମାନଙ୍କ ବଞ୍ଚିବାର ଅଧିକାର ଉପରେ ପୋଲିସ୍ ଯେମିତି ଅଜଥା ହସ୍ତକ୍ଷେପ ନ କରେ ସେ ନେଇ ଚେତାବନୀ ଦିଆଯାଇଛି। ସହମତି ଭିତ୍ତିରେ ସମ୍ପର୍କ ଥିଲେ ପୋଲିସ୍ ଅଜଥା ହସ୍ତକ୍ଷେପ କରିପାରିବ ନାହିଁ। ସେମାନଙ୍କ ବିରୋଧରେ ପୋଲିସ୍ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ବେଶ୍ୟା ଏକ ବୃତ୍ତି ଏବଂ ଆଇନ ଅନୁଯାୟୀ ଦେହଜୀବୀମାନେ ସମ୍ମାନ ସହ ସମାନୁପାତିକ ଅଧିକାର ପାଇବା ପାଇଁ ହକଦାର। ଜଷ୍ଟିସ୍ ଏଲ୍.ଏନ୍. ନାଗେଶ୍ୱର ରାଓଙ୍କ ଅଧକ୍ଷତାରେ ୩ ଜଣିଆ ଖଣ୍ଡପୀଠ ଏମିତି କିଛି ଟିପ୍ପଣୀ ରଖିବା ସହ ୬ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଦେହଜୀବୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏହି ୩ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଆଇନ ଅନୁଯାୟୀ ଯୌନ କର୍ମୀ ତଥା ଦେହଜୀବୀମାନେ ସମାନ ଅଧିକାର ପାଇବା ପାଇଁ ହକଦାର। ବୟସ ଦୃଷ୍ଟିରୁ ସମସ୍ତ ମାମଲାରେ ଅପରାଧିକ ଆଇନ ସମାନ ଦୃଷ୍ଟିରେ ଲାଗୁ ହେବା ଉଚିତ। ଯେତେବେଳେ ସହମତି ଭିତ୍ତିରେ ଯୌନକର୍ମମାନେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହାନ୍ତି ପୋଲିସ୍ ସେଠାରେ ଅଜଥା ହସ୍ତକ୍ଷେପ କରିପାରିବ ନାହିଁ। ସେ କ୍ଷେତ୍ରରେ ପୋଲିସ୍ ଅପରାଧିକ ଦୃଷ୍ଟିରେ ଦେଖିପାରିବ ନାହିଁ।





ସେମାନଙ୍କର ମଧ୍ୟ ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ରହିଛି। ସମ୍ବିଧାନିକ ଧାରା ୨୧ ଅନୁଯାୟୀ ଦେଶରେ ସମସ୍ତଙ୍କର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି। ସେହିପରି ଦେହଜୀବୀଙ୍କୁ ପୋଲିସ୍ ଗିରଫ କରିପାରିବ ନାହିଁ। କିମ୍ବା ସେମାନଙ୍କୁ ଜରିମାନା କିମ୍ବା ଲାଞ୍ଛିତ କରିପାରିବନି। ସ୍ୱେଛାକୃତ ଯୌନ ବ୍ୟବସାୟ ବେଆଇନ୍ ନୁହେଁ। ସେମାନଙ୍କ କ୍ଷେତ୍ରରେ ପୋଲିସ୍ ଅଜଥା ରେଡ୍ କରି ପାରିବ ନାହିଁ। କିନ୍ତୁ ଦେଶରେ ବେଶ୍ୟାଳୟଗୁଡିକ ବେଆଇନ୍। ସେହିପରି ଜଣେ ଦେହଜୀବୀ ମା'ଠାରୁ ତାର ପିଲାକୁ ଅଲଗା ରଖାଯାଇ ପାରିବ ନାହିଁ। ଯେହେତୁ ସେ ଦେହ ବ୍ୟବସାୟରେ ଲିପ୍ତ ଅଛି। ଏ କଥା କୋର୍ଟ ଶୁଣାଇଛନ୍ତି। ଦେହଜୀବୀ ଏବଂ ସେମାନଙ୍କ ପିଲାଙ୍କୁ ସୁରକ୍ଷା ଯୋଗାଇ ଦେବା ଉଚିତ ବୋଲି କୋର୍ଟ କହିଛନ୍ତି। ଯଦି ଜଣେ ନାବାଳକ କିମ୍ବା ନାବାଳିକା ବେଶ୍ୟାଳୟରୁ ଉଦ୍ଧାର ହୁଏ ତେବେ ସେ କ୍ଷେତ୍ରରେ ଏହାକୁ ଶିଶୁ ଚାଲାଣ ମାମଲା ବିବେଚନା କରାଯାଇପାରିବ ନାହିଁ। ଯଦି ଦେହଜୀବୀମାନେ ନିର୍ଯ୍ୟାତନାର ଅଭିଯୋଗ ଆଣନ୍ତି ପୋଲିସ୍ ଭେଦଭାବ କରିପାରିପାରିବନି। ଯେଉଁ ଦେହଜୀବୀମାନେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିବେ ସେମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ଉଚିତ। ସେଥିରେ ଉଭୟ ଡାକ୍ତରୀ ଓ ଆଇନ ସେବା ଅନ୍ତର୍ଭୁକ୍ତ। ବେଳେ ବେଳେ ପୋଲିସ୍ ଯୌନ କର୍ମୀଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରେ।

ସେହିପରି କାର୍ଯ୍ୟରୁ ପୋଲିସ୍ ନିବୃତ୍ତ ରହିବା ଉଚିତ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ସେହିପରି ଗିରଫ ଓ ରେଡ୍ ବେଳେ ଯୌନ କର୍ମୀଙ୍କ ପରିଚୟ ଗଣମାଧ୍ୟମ ପ୍ରଘଟ କରିବା ଅନୁଚିତ। ସେହିପରି ଦେହଜୀବୀଙ୍କ କ୍ଷେତ୍ରରେ ବ୍ୟବହୃତ କଣ୍ଡମକୁ ଏକ ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବନାହିଁ। ଯେଉଁ ଦେହଜୀବୀମାନଙ୍କୁ ପୋଲିସ୍ ଉଦ୍ଧାର କରି କୋର୍ଟରେ ହାଜର କରୁଛି ସେମାନଙ୍କୁ ସୁଧାର ଗୃହରେ ରହିବାକୁ ବ୍ୟବସ୍ଥା କରିବା ଉଚିତ। ପ୍ରାୟ ୨ରୁ ୩ବର୍ଷ ସେମାନଙ୍କୁ ସୁଧାର ଗୃହରେ ରହିବା ବ୍ୟବସ୍ଥା କରିବା ଉଚିତ। ଯଦି ମାଜିଷ୍ଟ୍ରେଟ ଦେଖିବେ ଉଭୟଙ୍କ ସହମତି ଅଛି ତେବେ ସେମାନଙ୍କୁ ମୁକ୍ତ କରାଯାଇ ପାରିବ। ତାହା ମାଜିଷ୍ଟ୍ରେଟ ହିଁ ନିଷ୍ପତ୍ତି ନେଇପାରିବେ। ତଥାପି ସେମାନଙ୍କୁ ସୁଧାର ଗୃହରେ ରହିବାକୁ ବାଧ୍ୟ କରାଯାଇ ପାରିବ ନାହିଁ। ଏହି ପ୍ରସ୍ତାବ ଉପରେ କେନ୍ଦ୍ରର ଜବାବ ମାଗିଛନ୍ତି କୋର୍ଟ। ଏ ନେଇ ଆସନ୍ତା ଜୁଲାଇ ୨୭ରେ ଶୁଣାଣି ହେବ।

## ଟାଟି ଘେରା ପାଇଖାନାରେ ଗୁପଚୁପ୍ ଫ୍ୟାକ୍ଟ୍ରି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆପଣ ଗୁପ୍‌ଚୁପ୍ ଖାଇବାକୁ ଭଲ ପାଆନ୍ତି ନା ? ହେଲେ ଖାଇବା ପ୍ରତି ସାବଧାନ ରୁହନ୍ତୁ। କଟକର କିଛି ଜାଗାରେ ତିଆରି ହେଉଛି ଆପଣଙ୍କ ପ୍ରିୟ ଚଟପଟା ଖାଦ୍ୟ। ଯେଉଁଠି ସିଏମ୍‌ସିର ଅଳିଆ ଗଦା ହେଉଛି, ଗନ୍ଧରେ ନାକ ଫାଟି ପଡୁଛି, ତାରି ପାଖରେ ଛଣାହେବା ପୂର୍ବରୁ ଗୁପ୍‌ଚୁପ୍ ଶୁଖୁଛି। ମାଛି ଭଣଭଣ। ଯେଉଁଠି ଟାଟି ଘେରା ପାଇଖାନା ତାରି ପାଖରେ ବସିଛି ଗୁପ୍‌ଚୁପ୍ ଫ୍ୟାକ୍ଟ୍ରି। କେବଳ ସେତିକି ନୁହେଁ, ବାସି ସିଝା ଆଳୁ, ଦୂଷିତ ଖପାଟାଣି, ପୋଡା ତେଲ।




ଗୋଟିଏ କି ଦୁଇଟି ନୁହେଁ, ଶଙ୍କରପୁର ନାକେଇପଡିଆ ଅଞ୍ଚଳରେ ବିହାର ଅଞ୍ଚଳରୁ ଆସି ରହୁଥିବା ୫୦/୬୦ରୁ ଅଧିକ ପରିବାର ନିଇତି ଏଇ ଭଳି ପରିବେଶରେ ଗୁପ୍‌ଚୁପ୍ ବନଉଛନ୍ତି। ଆଉ ଆପଣଙ୍କୁ ଖୁଆଉଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଆଜି ସକାଳୁ ସକାଳୁ ଠିକ୍ ଗୁପ୍‌ଚୁପ୍ ପ୍ରସ୍ତୁତି ବେଳେ ପହଞ୍ଚିଥିଲା ସିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଟିମ୍। ଏଠି ଚଢାଉ କରି ବିପୁଳ ପରିମାଣର ଗୁପ୍‌ଚୁପ୍ ଓ ଗୁପ୍‌ଚୁପ୍ ତିଆରି ସାମଗ୍ରୀ ଜବତ କରି ନଷ୍ଟ କରିଛି, ତାଗିଦ୍ ବି କରିଛି।

ଏପଟେ ନକଲି ଖାଦ୍ୟ ସାମଗ୍ରୀର ପେଣ୍ଠସ୍ଥଳୀ ପାଲଟିଥିବା କଟକ ଜଗତପୁରରୁ ଗଲାକାଲି ଅପମିଶ୍ରିତ ମୃଦୁ ପାନୀୟ ଫ୍ୟାକ୍ଟ୍ରି ଠାବ ପରେ ଆଜି ପୁଣି ଧରାପଡିଛି ଅପମିଶ୍ରିତ ନକଲି ସସ୍‌ର କାରବାର। କମିଶନରେଟ୍ ପୋଲିସ୍ ମାଲଗୋଦାମ ଅଞ୍ଚଳରେ ଚଢାଉ କରି ବିଭିନ୍ନ ନାମିଦାମୀ ବ୍ରାଣ୍ଡର ଷ୍ଟିକର ଲଗା ଅପମିଶ୍ରିତ ସସ୍ ଜବତ କରିବା ପରେ ମୂଳ ଖୋଜି କଟକ ବାରଙ୍ଗ ଅଞ୍ଚଳରୁ ଏହାର ଫ୍ୟାକ୍ଟ୍ରିକୁ ଠାବ କରିଛି ଏହି ଘଟଣାରେ ଜଣକୁ ଅଟକ ରଖାଯାଇଥିବା ସୂଚନା ମିଳିଛି।

କେବେ ନକଲି ଘିଅ, ନକଲି ତେଲ, ନକଲି ସସ୍, ନକଲି ମସଲା, ନକଲି ଜର୍ଦ୍ଦା, ତ ପୁଣି କେତେବେଳେ ନକଲି ଗଙ୍ଗାଜଳ ନକଲି ସାମଗ୍ରୀର ଏ ପ୍ରାବଲ୍ୟ ଭିତରେ ଯେମିତି ଅସଲି ଜିନିଷକୁ ଭୁଲିଗଲେଣି କଟକବାସୀ। ହେଲେ ଏତେ ଧରପଡ, ଚଢାଉ ସତ୍ତ୍ୱେ ପୁଣି କେମିତି ନକଲି ଚେର ମାଡୁଛି ତାହା ହିଁ ବଡ ଆଶ୍ଚର୍ଯ୍ୟ।

### ୧୦ କୋଟିର ସାମଗ୍ରୀ ଜବତ

ସହର ଓ ଏହାର ଉପକଣ୍ଠ ଅଂଚଳର ଏବେ ଅପମିଶ୍ରଣର ପେଣ୍ଠସ୍ଥଳ ପାଲଟିଛି । ମୁନାଫାଖୋର ବ୍ୟବସାୟୀମାନେ ଅଧିକ ଅର୍ଥ ଲୋଭରେ ଏପରି ଅପମିଶ୍ରଣ କାରବାର ଚଳାଇ ଆସୁଛନ୍ତି । କଟକରୁ ଏହାର ଚେର ରାଜ୍ୟର ବିନ୍ନ ସ୍ଥାନକୁ ଲମ୍ବିଚାଲିଛି । ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଗୋଖାଦ୍ୟ ପର୍ଯ୍ୟନ୍ତ ସବୁକିଛି ଅପମିଶ୍ରଣ କରାଯାଇ ବିକ୍ରି କରାଯାଉଛି । ୩ ବର୍ଷ ମଧ୍ୟରେ ୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅପମିଶ୍ରିତ ସାମଗ୍ରୀ ପୁଲି ସ ଜବତ କରିସାରିଲାଣି । କମିସନରେଟ୍ ପୁଲିସ ୨୭ଟି ନକଲି କାରଖାନାରେ ଚଢଉ କରି ସିଲ କରିବା ସହ ୩୫ରୁ ଅଧିକ କାରଖାନା ମାଲିକ ତଥା ଏହି କାରବାରରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କଲାଣି । ତ୍ରଥାପି ଅପମିଶ୍ରଣ କାରବାର ଥମିବା ନାଁ ଧରୁ ନାହିଁ । ଯାହା ଏବେ ପୁଲିସ ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

ନାମୀ କମ୍ପାନୀର ସାମଗ୍ରୀ ଯେ ଅସଲି ତାହା ଚିହ୍ନିବା କଷ୍ଟକର । କାରଣ ସହରରେ ଏପରି ବହୁ ନକଲି କାରଖାନା ଠାବ ହୋଇଛି ଯେଉଁଠି ବ୍ରାଣ୍ଡ ଖୋଳରେ ନକଲି ସାମଗ୍ରୀ ବିକ୍ରି କରାଯାଉଛି । ଅପମିଶ୍ରଣକାରୀ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀର ଖୋଳ ଓ ଜରି କିଣୁଛନ୍ତି । ଏଠାରେ କାରଖାନା ଖୋଲି ଅପମିଶ୍ରଣ କରିବା ସହ ବଜାରରେ ବିକ୍ରି କରୁଛନ୍ତି । ବ୍ରାଣ୍ଡ ନାମ ବ୍ୟବହାର ହେଉଥିବାରୁ ଏହା ବଜାରରେ ମଧ୍ୟ ଖୁବ୍ ସହଜରେ ବିକ୍ରି ହୋଇଯାଉଛି । ମାଲଗୋଦାମ ହେଉଛି ରାଜ୍ୟର ବଡ ବ୍ୟବସାୟିକ କେନ୍ଦ୍ର । ତେଣୁ ଏଠାରେ ଏହି ମୁନାଫାଖୋର ବ୍ୟବାସୟୀମାନେ ସେମାନଙ୍କର ସାମଗ୍ରୀକୁ ବିକ୍ରି କରୁଛନ୍ତି । ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ନକଲି ସାମଗ୍ରୀ ଓ ଏହି କାରବାର ଚେର ଲମ୍ବିଥିବା ଜଣାପଡିଛି । ସହର ସମେତ ଜଗତପୁର ଓ କଟକ ସଦର ଅଂଚଳରୁ ଏ ପର୍ଯନ୍ତ ୨୭ଟି ନକଲି କାରାନା ଠାବ ହୋଇ ସାରିଲାଣି । ଯେଉଁଥିରେ ସିମେଣ୍ଟ, ପୁଟି, ଜର୍ଦ୍ଦା, ସର୍ଫ, ସାବୁଲ, ଗଙ୍ଗାଜଳ ସମେତ ଖାଇବା ତେଲ, ଘିଅ, ଛେନା, ହଳଦୀ, ମସଲା ଗୁଣ୍ଡ, ସସ୍ ଭଳି ଖାଦ୍ୟ ସାମଗ୍ରୀର ଅପମିଶ୍ରଣ କରାଯାଇଥିଲା । ବିଶେଷ କରି ଜଗତପୁର ଅଂଚଳରୁ ୧୪ରୁ ଅଧିକ ଅପମିଶ୍ରିତ କାରଖାନା ଠାବ କରାଯାଇଛି । କଟକ ସଦର ଅଂଚଳରୁ ୭ଟି ଓ ସହରରୁ ୬ରୁ ଅଧିକ ନକଲି କାରଖାନା ଠାବ ହୋଇ ସାରିଲାଣି । ପ୍ରାୟ ୧୦ କୋଟି ଟଙ୍କାର ବିଭିନ୍ନ ଅପମିଶ୍ରିତ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା । ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କମିସନରେଟ୍ ପୁଲି ଏହି ଅପମିଶ୍ରିତ ସାମଗ୍ରୀକୁ ନଷ୍ଟ କରିଥିଲା । ଏହି କାରବାର ଦିନକୁ ଦିନ ବ୍ୟାପିବାରୁ ଏହା ରୋକିବା ପାଇଁ ସିଏମ୍‌ସି ପୁଲିସ ଓ ବ୍ୟବସାୟୀମାନେ ମିଳିତ ଉଦ୍ୟମ ଆରମ୍ଭ କରିଥିଲେ । ମାଲଗୋଦାମରେ କେହି ଅପମିଶ୍ରଣ କାରବାର କଲେ ତାକୁ ବ୍ୟବସାୟ କରିବାକୁ ଦିଆଯିବ ନାହିଁ ବୋଲି ନିୟମ ସଂଘ ପକ୍ଷରୁ ନିଷ୍ପତ୍ତି ନେଇଥିଲେ । ଏପରିକି ଜଗତପୁର ଶିଳ୍ପାଞ୍ଚଳର ବ୍ୟସାୟୀମାନେ ମଧ୍ୟ ଅପମିଶ୍ରଣ କାରବାରକୁ ବିରୋଧ କରିଥିଲେ । ଏ ନେଇ କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା ହେଲେ ନିୟମିତ ବ୍ୟବଧାନରେ ପୁଲିସ ଓ ସିଏମ୍‌ସି ପକ୍ଷରୁ ଯାଞ୍ଚ କରାଯାଉ ନଥିବାରୁ ଏହି କାରବାର ଏବେ ବଢିବାରେ ଲାଗିଛି । ଅପମିଶ୍ରଣ କାରବାର ରୋକିବା ଲାଗି ନିୟମିତ ବ୍ୟବଧାନରେ ଚଢଉ ପାଇଁ ଦାବି ହୋଇଛି।

## ଉଲଗ୍ନ ଅବସ୍ଥାରେ ମନ୍ଦ ଉଦ୍ଦେଶ୍ୟ ରଖି ଘରେ ପଶିଲା ଯୁବକ

**ଭଦ୍ରକ(ସଂପର୍କବାର୍ତ୍ତା):-** ଭଦ୍ରକ ଜିଲ୍ଲାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା ଅଧରାତିରେ ଉଲଗ୍ନ ଅବସ୍ଥାରେ ଜଣଙ୍କ ଘରକୁ ପଶିଯାଇଛି ଜଣେ ଯୁବକ ମନରେ ମନ୍ଦ ଉଦ୍ଦେଶ୍ୟ ରଖି ଘରେ ପଶିଥିବା ବେଳେ ଘଟିଗଲା କିଛି ଏମିତି ଘଟଣା ଯାହାଦ୍ୱାରା ସବୁ ଓଲଟ ପାଲଟ ହୋଇଯାଇଛି ଅନ୍ଧାରରେ ଘରେ ଯାଉ ଯାଉ ସାନ ନାତି ଉପେ ପାଦ ପଡିଗଲା ନାତିର ଚିତ୍କାରରେ ସମସ୍ତେ ଉଠିଯିବାକୁ ଯୁବକ ଜଣକ ସବୁ କିଛି ଛାଡି ଦୌଡି ପଳାଇଛି ଏନେଇ ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ ଭଦ୍ରକ ଜିଲ୍ଲା କେନ୍ଦୁଆପଦା ଥାନା ଅଧିନ ଅଣ୍ଡାଇପଲ୍ଲୀ ଗାଁରେ ଘଟିଯାଇଛି ଏଭଳି କିଛି ଅଭାବନୀୟ ଘଟଣା ଜଣେ ଅଜଣା ବ୍ୟକ୍ତି ବିନା ବସ୍ତ୍ରରେ କାଂଚନ ଜେନାଙ୍କ ଘର ଭିତରକୁ ପଶି ଆସିଥିଲା ରାତି ଅଧରେ ଅତ୍ୟଧିକ ମଦ୍ୟପାନ ଯୋଗୁଁ ଘରେ ଶୋଇଥିବା କାଂଚନଙ୍କ ସାନ ନାତି ଉପରେ ଚଢି ଯାଇଥିଲେ ଏହି ଯୁବକ ତେବେ ପିଲାର ଚିତ୍କାର ଶୁଣି ପରିବାରର ସମସ୍ତ ସଦସ୍ୟ ଉଠି ପଡିଥିଲେ ଏବଂ ଘର ଭିତରେ ଏମିତି ଏକ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବିନା ବସ୍ତ୍ରରେ ଜଣେ ଅଜଣା ଯୁବକଙ୍କୁ ଦେଖି ବିଶ୍ୱାସ କରି ପାରି ନଥିଲେ କାଂଚନ ଏବଂ ପରିବାର ଲୋକେ ତେବେ ପରିସ୍ଥିତିକୁ ଲକ୍ଷ୍ୟ କଲେ ଯୁବକ ଜଣକ କିଛି ମନ୍ଦ ଉଦ୍ଦେଶ୍ୟ ରଖି ଘରକୁ ପଶିଥିବା କୁହାଯାଉଛି ।ତେବେ ସମସ୍ତଙ୍କ ଚିତ୍କାର ଶୁଣି ସେଠାରୁ ନିଜ ମୋବାଇଲ ଛାଡିଧାଇଁ ପଳାଇଥିଲା ଏହି ଯୁବକ ଏହାପରେ କାଂଚନ ଏବଂ ପରିବାର ଲୋକେ ଏ ନେଇ କେନ୍ଦୁଆପଦା ଫାଣ୍ଡିରେ ଲିଖିତ ଅଭିଯୋଗ କରଛନ୍ତି ଏହାସହ ଯୁବକଙ୍କ ମୋବାଇଲକୁ ପୋଲିସକୁ ଜିମା ଦେଇଛନ୍ତି। କିନ୍ତୁ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଖୋଜିବାରେ ବିଳମ୍ବ କରିବାକୁ ଭଦ୍ରକ ଏସପିଙ୍କ ଦ୍ୱାରଙ୍କ ହୋଇଛନ୍ତି ପରିବାର ଲୋକେ।

## କେନ୍ଦୁଝରରେ ତଡା ଖାଇଲେ ନକଲି ପ୍ରଧାନଶିକ୍ଷକ

**କେନ୍ଦୁଝର(ସଂପର୍କବାର୍ତ୍ତା):-** ମହଙ୍ଗା ପଡିଲା ନକଲି ସାର୍ଟିଫିକେଟ୍ ଦେଇ ସରକାରୀ ଚାକିରି କରିବା। ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିବା ଅଭିଯୋଗରେ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ କୁମାର ବେହେରାଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଛି।






ସୁଶୀଲ ବେହେରା ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଯାଞ୍ଚ ପରେ ଏହା ସତ୍ୟ ବୋଲି ଜଣାପଡିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି।

ସରକାର ବାରମ୍ବାର ନକଲି ସାର୍ଟିଫିକେଟ୍ ଯାଞ୍ଚ କରିବା ପରେ ମଧ୍ୟ ଏବେ ବି ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ମାଳ ମାଳ ଶିକ୍ଷକ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରି ଆସୁଥିବା ଅଭିଯୋଗ ହେଉଛି। ସାର୍ଟିଫିକେଟ୍‌କୁ ସଠିକ୍ ଭାବରେ ଯାଞ୍ଚ ନ କରାଯିବା କାରଣରୁ ଅନେକ ଜାଲ୍ ଶିକ୍ଷକ ଖସି ଯାଉଥିବା ଜଣାପଡିଛି।

## 'ପରିଦର୍ଶକ'ର ୧୫ ତମସ୍ୱନକ୍ଷତ୍ର ଦିବସ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପରିଦର୍ଶକର ୧୫ତମ ସ୍ୱନକ୍ଷେତ୍ର ଦିବସ ଭୁବନେଶ୍ୱର ସ୍ଥିତ ଉତ୍କଳ ସାମ୍ବାଦିକ ଭବନ ପରିସରରେ ପାଳନ ହୋଇଯାଇଛି ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧାତ୍ମିକବିଦ୍ ସ୍ୱାମୀ ଗିରିନାନନ୍ଦ ମହାରାଜଯୋଗ ଦେଇ ଥିବା ବେଳେ ପୂର୍ବତନ ସାଂସଦ ଡ ପ୍ରସନ୍ନ ପାଟ୍ଟଶାଣୀ ଉଦ୍ ଘାଟକ ମୁଖ୍ୟବକ୍ତା ଭାବେ ବରିଷ୍ଠ ଅର୍ଥନୀତିଙ୍କ ତଥା ସମାଜସେବୀ ଶ୍ରୀମାନ୍ ପ୍ରଦୀପ କୁମାର ଶତପଥୀ,

ପରିଦର୍ଶକର ପ୍ରକୃତ ଲକ୍ଷ ଓ ସମାଜ ପାଇଁ କିଭଳି କାର୍ଯ୍ୟ କରିବା ଦରକାର ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବଦିକ ତଥା ଜାତୀୟ କଲ୍ୟାଣ ବୋର୍ଡ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ




ସନତ ମିଶ୍ର ଯୋଗ ଦେଇ ନିଜର ସୁ ଚିନ୍ତିତ ମତାମତ ରଖିବା ସହିତ ସଭା ପରିଚାଳନା କରିଥିଲେ । ଏହି ଉତ୍ସବରେ ପରିଦର୍ଶକ ମିଡିଆର ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ ସଭାପତିତ୍ୱକରି ନିଜ ବକ୍ତବ୍ୟରେ ଆସିଥିବା ଜିଲ୍ଲାର ପ୍ରତିନିଧିମାନଙ୍କୁ ନିର୍ଭୀକାରେ ସମ୍ବାଦ ପରିବେଷଣକରି ରାଜ୍ୟ ତଥା ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥି ସହିତ ଅର୍ଥନୀତିଜ୍ଞ ତଥା ସମାଜସେବୀ ଶ୍ରୀମାନ୍ କୁମାର ଶତପଥୀ ପରିଦର୍ଶକ ମିଡିଆର ଟାଙ୍ଗୀ ଚୌଦ୍ୱାର ପ୍ରତିନିଧି ପ୍ରସାଦ ବାରିକ୍ କନ୍ଧମାଳର ପ୍ରତିନିଧି ବିଦ୍ୟାଧର ନାୟକ ,କଟକ ଟାଙ୍ଗୀର ଅଗ୍ରଣୀ ସ୍ୱଛା ଅନୁଷ୍ଠାନ ଆଭାନ ପରିବାର ସଦସ୍ୟ ପ୍ରଦୀପ୍ତ କୁମାର ସାହୁ , ଚୌଦ୍ୱାରର ସମାଜସେବି ତଥା ଯୁବ ବ୍ୟବସାୟୀ ମିର୍ଜା ନସୀମ ବେଗଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ଓଡରିୟ ଦିଆଯାଇ ସମ୍ମାନିତ କରାଯାଇଥିଲା ଶେଷରେ ପରିଦର୍ଶକ ମିଡିଆର ଭୁବନେଶ୍ୱର ଅଫିସ ପରିଚାଳକ ବିଶ୍ୱଜିତ୍ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୂଜକଙ୍କୁ ବାଡେଇ ମାରିଦେଲେ

**କେନ୍ଦ୍ରାପଡା(ସଂପର୍କବାର୍ତ୍ତା):-** ଠାକୁର ପୂଜା କରି ଆସୁଥିବା ପୂଜକଙ୍କୁ ବାଡେଇ ମାରିଦେଲେ ଠାକୁ ର ଜମିକୁ ନେଇ ରହିଥିବା ବିବାଦରୁ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅନ୍ତର୍ଗତ ପଡାଗୟାସପୁର ଗାଁରେ ଏଭଳି ଜଘଣ୍ୟ ହତ୍ୟାକାଣ୍ଡ ଘଟିଛି ମୃତକ ଜଣକ ସ୍ଥାନୀୟ ଗ୍ରାମର ଦିଲ୍ଲୀପ ପଣ୍ଡା ଠାକୁର ଜମିବଡି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା ଗଣ୍ଡଗୋଳକୁ ଅଟକାଇବାକୁ ଆସି ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଉଭୟ ପକ୍ଷରୁ ୬ଗୁରୁତର ହୋଇଛନ୍ତି।



ସୂଚନା ମୁତାବକ, ଦୀର୍ଘଦିନ ହେବ ସୁରେନ୍ଦ୍ର ପଣ୍ଡାଙ୍କ ପରିବାର ଠାକୁର ଘର ଜମିକୁ ଜବର ଦଖଲ କରିଥିଲେ ଅନ୍ୟପକ୍ଷ କାଳନ୍ଦୀ ପଣ୍ଡା ପରିବାର ଦୀର୍ଘଦିନ ହେବ ଏହାକୁ ବିରୋଧ କରିଆସୁଥିଲେ। ଯାହାକୁ ନେଇ ଆସି ବିବାଦ ଉଗ୍ରରୂପ ନେଇଥିଲା ଘଟଣା ରକ୍ତାକ୍ତ ସଂଘର୍ଷର ରୂପ ନେଇଥିଲା ମୃତକଙ୍କ ଭାଇ ପ୍ରମୋଦଙ୍କ ଅଭିଯୋଗ ମୁତାବକ ଏହି ଜମିବାଡି ବିବାଦକୁ ନେଇ ସୁରେନ୍ଦ୍ର ପଣ୍ଡା ପରିବାର ଯୋଜନାବଦ୍ଧ ଭାବେ ପୂର୍ବ ପ୍ରସ୍ତୁତ କରି କାଳନ୍ଦୀ ପଣ୍ଡା ପରିବାର ସହ ବଚସା କରିଥିଲେ ବଚସା ପରେ ଅତର୍କିତ ଆକ୍ରମଣ କରିଥିଲେ ସେହି ସମୟରେ ପୂଜା କରି ଫେରୁଥିବା ଦିଲ୍ଲୀପ ମାରପିଟ ଅଟକାଇବାକୁ ପ୍ରୟାଶ କରିଥିଲେ ଏହି ସମୟରେ ତାଙ୍କ ଉପରେ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା ଫଳରେ ତାଙ୍କର ମୃତ୍ୟୁ ହୋଇଛନ୍ତି । ଘଟଣା ସ୍ଥଳରେ ମହାକାଳପଡା ପୁଲିସ ପହଂଚି ୪ଜଣକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ଏସପି ନାଚିଲେ ଓ ଗୀତ ଗାଇଲେ

**ନବରଙ୍ଗପୁର(ସଂପର୍କବାର୍ତ୍ତା):-** କିଶୋରୀ ଜାଗୃତି ସପ୍ତାହ ପାଳନ ଉତ୍ସବରେ ଗୀତ ଗାଇଲେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଏକମ୍ବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କିଶୋରୀ ଜାଗୃତି ସପ୍ତାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ କିଶୋରୀ ମାନଙ୍କୁ ଉତ୍ସାହିତ କରିବା ସହ ନିଜେ ମଧ୍ୟ ଗୀତ ଗାଇଥିଲେ । ଏଥିସହିତ ନବରଙ୍ଗପୁର ପଡାଲଗୁଡା ପଂଚାୟତ ମାଝୀଗୁଡା ଠାରେ ଥିବା ଦିନ ଦୟାଲ ଅନାଥ ଆଶ୍ରମରେ ମଧ୍ୟ ଜିଲ୍ଲାପାଳଙ୍କ ଉପସ୍ଥିତି ରେ ସେଠାରେ ଥିବା ଅନାଥ ପିଲାଙ୍କ ସହ କିଛି ସମୟ ବିତାଇବା ସହ ପିଲାଙ୍କ ସହ ମିଶି ନାଚିଥିଲେ ଆରକ୍ଷୀ ଅଧିକ୍ଷକ । ଆରକ୍ଷୀ ଅଧିକ୍ଷକଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ମାନେ ଅତ୍ୟନ୍ତ ଖୁସି ଅନୁଭବ କରିଛନ୍ତି।



# ସମ୍ପାଦକୀୟ

## ବିଜୁଳି ହୁଗୁଳା

ଏବେ ଖରାର ତାତି ଅହେତୁକ ଭାବେ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ବାରମ୍ବାର ବିଜୁଳି କାଟ ହେଉଛି। ରାଜ୍ୟର ଉପାନ୍ତ ବା ଆଦିବାସୀ ବହୁଳ ଅଞ୍ଚଳ କଥା ଛାଡ଼ନ୍ତୁ। କଟକ-ଭୁବନେଶ୍ୱର ପରି ଦ୍ୱୈତ ନଗରୀରେ ମଧ ବାରମ୍ବାର ବିଜୁଳି କାଟ ହେଉଛି। ବିଜୁଳି ଦାୟିତ୍ୱ ନେଇଥିବା ଟାଟା କମ୍ପାନୀ କହୁଛନ୍ତି ଯେ, ମେଣ୍ଟେନାନ୍ସ ପାଇଁ ବିଜୁଳି କଟା ହେଉଛି। କିନ୍ତୁ ବାସ୍ତବ କଥା ଅଲଗା। ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ ଉପଲବ୍ଧ ଥିବା ସତ୍ତ୍ୱେ ଗ୍ରୀଷ୍ମକାଳରେ ଘନ ଘନ ବିଦ୍ୟୁତ୍ କାଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନୂଆଦିଲ୍ଲୀସ୍ଥିତ ଶକ୍ତି, ପରିବେଶ ଓ ଜଳ ପରିଷଦ ଘରୋଇ କ୍ଷେତ୍ରରେ ଶକ୍ତି ବ୍ୟବହାର ସଂପର୍କରେ ତାର ରିପୋର୍ଟ ପ୍ରକାଶ କରିଛି। କାଉନସିଲ ଅନ୍ ଏନର୍ଜି, ଏନଭାୟରନମେଣ୍ଟ ଏଣ୍ଡ ୱାଟର ୨୦୨୦ ମସିହା ରିପୋର୍ଟରେ କୁହାଯାଇଛି ଯେ ଭାରତ ବର୍ଷରେ କୌଣସି ରାଜ୍ୟ ପାୱାର କଟରୁ ମୁକ୍ତ ନୁହେଁ। ହେଲେ ଉଦବେଗର ବିଷୟଟି ହେଉଛି ଯେ ଓଡ଼ିଶାର ଗ୍ରାମାଞ୍ଚଳର ପାୱାର କଟ ଜାତୀୟ ହାରାହାରି ପାୱାର କଟ ସମୟ ଅବଧି ଠାରୁ ଅଧିକ ରହିଛି। ଜାତୀୟସ୍ତରରେ ସହରାଞ୍ଚଳରେ ଦିନକୁ ହାରାହାରି ୧ଘଣ୍ଟା ୪୦ ମିନିଟ ପାୱାର କଟ ହେଉଛି। ଗ୍ରାମାଞ୍ଚଳ ଏହା ୪ ଘଣ୍ଟା ଅଟେ। ଓଡ଼ିଶାରେ କିନ୍ତୁ ଗ୍ରାମାଞ୍ଚଳରେ ଦୈନିକ ୪ ଘଣ୍ଟା ୧୦ ମିନିଟ ବିଦ୍ୟୁତ୍ କାଟ ହେଉଥିବାବେଳେ ସହରାଞ୍ଚଳରେ ଜାତୀୟ ହାର ଠାରୁ ସାମାନ୍ୟ କମ ଅର୍ଥାତ ୧ଘଣ୍ଟା ୩୦ ମିନିଟ ପାଖାପାଖି ଲୋକ ଅନ୍ଧାରରେ ରହୁଛନ୍ତି।

ଉକ୍ତ ରିପୋର୍ଟ କହୁଛି ଯେ ଉତ୍ତରପ୍ରଦେଶରେ ସବୁଠାରୁ ଅଧିକ ପାୱାର କଟ ହେଉଛି। ସେଠାରେ ଗ୍ରାମାଞ୍ଚଳରେ ଦୈନିକ ଆଠ ଘଣ୍ଟା ଓ ସହରାଞ୍ଚଳରେ ଚାରି ଘଣ୍ଟା ପାୱାର କଟ କରାଯାଉଛି। ଓଡ଼ିଶା ଠାରୁ ଅଧିକ ପାୱାର କଟ ଝାଡ଼ଖଣ୍ଡ, ହରିୟାଣା, ଆସାମ, ବିହାର, ରାଜସ୍ଥାନ, ଛତିଶଗଡ଼ ଭଳି ରାଜ୍ୟରେ ହେଉଛି। ଏ କ୍ଷେତ୍ରରେ ଉଲ୍ଲେଖନୀୟ ଦିଗଟି ହେଉଛି ବିକଶିତ ରାଜ୍ୟରେ ପାୱାର କଟ ପରିମାଣ ଯଥେଷ୍ଟ କମ। ଦିଲ୍ଲୀରେ ସବୁଠାରୁ କମ ସମୟ ପାୱାର କଟ କରିବାକୁ ପଡୁଛି। ଏଠାରେ ଦୈନିକ ପାୱାର କଟ ଅବଧି ମାତ୍ର ୩୦ ମିନିଟ ରହିଛି। ସେହିଭଳି ଜାତୀୟ ହାରାହାରି ପାୱାର କଟ ଠାରୁ ଯଥେଷ୍ଟ କମ ସମୟ ପାୱାର କଟ କର୍ଣ୍ଣାଟକ,

**ସତ୍ୟ ମହାପାତ୍ର**
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
ଦୂରଭାଷ : ୯୬୫୮୧୦୫୫୩୨

ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଞ୍ଜାବ, ତାମିଲନାଡୁ, ଗୁଜୁରାଟ, କେରଳରେ ହେଉଛି। କେରଳରେ ପାୱାର କଟ ସମୟ ଦିଲ୍ଲୀ ପରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗୁଜୁରାଟ ଏହି ଧାରାରେ ତୃତୀୟରେ ରହିଛି। କେଉଁଠି ନା କେଉଁଠି ଏହି ଚିତ୍ର ସୂଚାଇ ଦେଉଛି ଯେ ଭାରତ ଶକ୍ତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରୁନାହିଁ। ବିକଶିତ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ କମ ସମୟ ବିଦ୍ୟୁତ କାଟ କରୁଥିବାବେଳେ ପଛୁଆ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ କରୁଛନ୍ତି।

ଏହି ରିପୋର୍ଟ କିନ୍ତୁ ଓଡ଼ିଶା କ୍ଷେତ୍ରରେ ଆଉ ଏକ ରହସ୍ୟର ଉନ୍ମୋଚନ କରିଛି। ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ କିଭଳି ଅଘୋଷିତ ଭାବେ ବିଦ୍ୟୁତ କାଟ କରିଚାଲିଛନ୍ତି, ଏହାର ପର୍ଦ୍ଦାଫାଶ ହୋଇଛି। ଘନ ଘନ ବିଦ୍ୟୁତ କାଟ ହେଉଥିବା ବେଳେ କମ୍ପାନୀମାନେ ଏହାକୁ ଅସ୍ୱୀକାର କରି ଚାଲିଛନ୍ତି। ଲୋକେ ଫୋନ କଲେ କେତେବେଳେ ମରାମତି ଚାଲିଛି ବୋଲି କୁହାଯାଉଛି, ଆଉ କେବେ ଅଧିକାରୀମାନେ ଫୋନ ଧରନ୍ତି ନାହିଁ। ଶକ୍ତି ସମୀକ୍ଷକମାନଙ୍କର ଯୁକ୍ତି ହେଲା ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ମହଜୁଦ ରହିଛି। ରାଜ୍ୟ ଶକ୍ତି କ୍ଷେତ୍ରରେ ଏକ ସୁବିଧାଜନକ ସ୍ଥିତିରେ ରହିଛି ଓ ବରଦାନ ବୋଲି କୁହାଯାଇପାରିବ। ହେଲେ ଏହାକୁ ଠିକ ଭାବରେ ବ୍ୟବହାର କରାଯାଇପାରୁନାହିଁ। ଓଡ଼ିଶା ଶକ୍ତି କ୍ଷେତ୍ରରେ ସର୍ବ ଭାରତ ସ୍ତରରେ ଏକ ନମ୍ବର ହେବାର ଯୋଗ୍ୟତା ଥିଲେ ବି ପରିଚାଳନାଗତ ଅପରାଗତା ଏତେ ପ୍ରବଳ ହୋଇଛି ଯେ ପିକ ସମୟରେ ପାୱାର କଟ କରାଯାଉଛି। ଗ୍ରାମାଞ୍ଚଳ କଥା ନକହିବା ଭଲ। ସର୍ବ ଭାରତ ସ୍ତରରେ ଓଡ଼ିଶା ପାୱାର କଟ କରିବାରେ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ ରହିବା ଗୋଟିଏ ଲଜ୍ଜାଜନକ ଘଟଣା।

ତଥ୍ୟ କହୁଛି ଯେ ଓଡ଼ିଶାରେ ଗ୍ରୀଷ୍ମ ଋତୁରେ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ୫୫୦୦ ମେଗାୱାଟ ରହୁଛି। ହେଲେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ପ୍ରାୟ ୬୫୦୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ଅଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମର କ୍ଷମତା ୨୧୦୦ ମେଗାୱାଟ। ଏହି ସଂସ୍ଥା ଅତି କମରେ ୧୫୦୦ ମେଗାୱାଟ (୧୮୦୦ ମେଗାୱାଟ ବି ଉତ୍ପାଦନ କରିପାରେ) ବିଦ୍ୟୁତ୍ ଉତ୍ପାଦନ କରିବାର ସାମର୍ଥ୍ୟ ରଖେ। ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ସ୍ଥାପତି କ୍ଷମତା ୧୭୪୦ ମେଗାୱାଟ। ଏଠାରୁ ଅତି କମରେ ୧୨୭୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ହେବା କଥା। ବେଦାନ୍ତ, ଜିଏମଆର, ଜିନ୍ଦଲ, ନବଭାରତ ଭଳି ବେସରକାରୀ ସାଧୀନ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ଦୈନିକ ୯୬୦ ମେଗାୱାଟ ବିଦ୍ୟୁତ ପାଇବାକୁ ହକଦାର। କେବଳ ସେତିକି ନୁହେଁ ଏହି ବିଦ୍ୟୁତ ଅତି ସୁଲଭ ଦରରେ ଉପଲବ୍ଧ, ଯାହାକୁ ଆମେ ବର୍ଷ ବର୍ଷ ଧରି ହାତଛଡ଼ା କରି ଆସିଛନ୍ତି। ଘରୋଇ କମ୍ପାନୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ କେବଳ ମହଙ୍ଗା ବିଦ୍ୟୁତ୍ ଦିଆଯାଇଛି ଏବଂ ଅନ୍ଧାରରେ ବି ରଖାଯାଇଛି। ସେହିଭଳି ଶିଳ୍ପ ମାନଙ୍କ ପାଇଁ ସ୍ଥାପିତ ନିଜସ୍ୱ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ୫୫୦ ମେଗାୱାଟ ପାଇପାରିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଜଳ ଓ ତାପଜ ବିଦ୍ୟୁତ କେନ୍ଦ୍ରରୁ ୧୭୦୦ ମେଗାୱାଟ ଏବଂ ଅକ୍ଷୟ ଶକ୍ତି ସୂତ୍ରରୁ ୪୫୦ ମୋଗୱାଟ ସମୁଦାୟ ୨୧୫୦ ମୋଗୱାଟ ବିଦ୍ୟୁତ ମିଳିବାର ସୁଯୋଗ ରହିଛି। ମୋଟାମୋଟି ଭାବେ ରାଜ୍ୟ ସୂତ୍ରରୁ ୪୩୫୦ ମେଗାୱାଟ ଏବଂ କେନ୍ଦ୍ର ସୂତ୍ରରୁ ୨୧୫୦ ମେଗାୱାଟ ଏହିଭଳି ଦୈନିକ ୬୫୦୦ ମେଗାୱାଟ ଉପଲବ୍ଧ ଥିବାବେଳେ ଏହାଠାରୁ ପାଖାପାଖି ହଜାରେ ମେଗାୱାଟରୁ କମ ବିଦ୍ୟୁତ ଚାହିଦା ପିକ ସମୟରେ ରହିଛି। ଏତେ ସୁବିଧା ଥାଇ ବି ରାଜ୍ୟରେ ବିଦ୍ୟୁତ କାଟ କରାଯିବା ପ୍ରଶାସନିକ ଅପରାଗତା, ଦୂରଦୃଷ୍ଟିହୀନତା ଏବଂ ଏକ ବିଡ଼ମ୍ବନା ବୋଲି ହିଁ କୁହାଯାଇପାରିବ।

କେବଳ ସେତିକି ନୁହେଁ, ଗତ ଦଶନ୍ଧିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୨୦ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି, ଖାସ ଭିତ୍ତିଭୂମିର ବିକାଶ ଲାଗି। ଏହାସତ୍ତ୍ୱେ ମରାମତି, ରକ୍ଷଣାବେକ୍ଷଣ କାରଣରୁ ବିଦ୍ୟୁତ କାଟ ଏବଂ ବାଣିଜ୍ୟ ଓ ବିତରଣ ଜନିତ କ୍ଷତି (ହାରାହାରି ୨୮%) ସୂଚାଇ ଦେଉଛି ଯେ ସମୁଦାୟ କ୍ଷେତ୍ରଟି ଗୋଟିଏ ବଡ଼ କେଳେଙ୍କାରୀ ଭିତରେ ଛନ୍ଦି ହୋଇଯାଇଛି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଆଜିର ମହଙ୍ଗା ସାବିତ୍ରୀଙ୍କ ଯୁଗରେ ହତଭାଗା ସତ୍ୟବାନ !!

ଏହି ଲେଖାଟି ଉପସ୍ଥାପନା କଲା ପୂର୍ବରୁ ବିନମ୍ର ପ୍ରଣୀତି ପୂର୍ବକ ଓ ଭୁଲ ନବୁଝିବା ପାଇଁ କ୍ଷମା ଯାଚନାକରି ସହୃଦୟ ପାଠକଙ୍କୁ ଅନୁରୋଧ ରଖୁଛୁ। ଏ ଦୁନିଆରେ ଯେ ଧର୍ମ ନାହିଁ ତାହା ନୁହେଁ କି ନିଷ୍ଠା, ତ୍ୟାଗ, ପତିବ୍ରତା, ସ୍ୱାମୀ ସମର୍ପିତ ସାବିତ୍ରୀମାନେ ଯେ ନାହାନ୍ତି ତାହା ଆମେ ଆଦୌ କହୁନାହୁଁ। କିନ୍ତୁ ସଚରାଚର ଆଜିର ସମୟକୁ ଦେଖି ଯାହା ଏହି ଅଧମ ଲେଖକ କିଛି ଲେଖୁଛି। ପ୍ରତିବର୍ଷ ସାବିତ୍ରୀ ବ୍ରତ ପୂର୍ବ ଦିନ, ସାବିତ୍ରୀ ବ୍ରତ ଦିନ ଓ ପରଦିନ ଓଡ଼ିଶାର ତମାମ ସମସ୍ତ ଖବର କାଗଜ ଖେଳାଇ ଦିଅନ୍ତୁ ତ ମୁଁ ହଲପ କରି କହିବି ଆପଣ ନିଶ୍ଚିନ୍ତ ଏପରି ନ୍ୟୁଜ ପାଇବେ ସାବିତ୍ରୀ ବ୍ରତର ଦାମୀ ସରଞ୍ଜାମ ପାଇଁ ସ୍ୱାମୀଙ୍କୁ ଅପମାନ, କେଉଁଠି ସ୍ୱାମୀ ରାଗରେ ଘର ଛାଡ଼ି ପଳାଇଲାଣି, ସାବିତ୍ରୀ ବ୍ରତ ଦିନ ଝିଅ କେଉଁଠି ମୁହଁ ଫଣ ଫଣ କରି ବାପ ଘର ପଳାଇଲାଣି ତ କେଉଁଠି ଧର୍ମଭାଇ ସାଙ୍ଗରେ। ଆଉ କେତେକ ଘଟଣା ଅତ୍ୟନ୍ତ ଦୁଃଖଦାୟକ। କଲେଜ ପଢୁଆ ପିଲାମାନେ ତାଙ୍କ ବାଟରେ ବି ସାବିତ୍ରୀ ବ୍ରତ ପାଳିଲେଣି। ଆପଣ ଭାବୁଛନ୍ତି କି ସୋସିଆଲ ମିଡ଼ିଆରେ ଜମା ନୁହେଁ ! ସୁପ୍ରିମ କୋର୍ଟ ତ ଲିଭ-ଇନ-ରିଲେସନସିପକୁ ମଞ୍ଜୁର କରିଦେଇ ଯାହା କରିଛନ୍ତି। କଲେଜ ପଢୁଆ ତଥାକଥିତ ଛାତ୍ରଛାତ୍ରୀମାନେ ସମସ୍ତେ ଯେ ତାହା ଆମେ କହୁନୁ। ସାବିତ୍ରୀ ବ୍ରତ ନାମରେ ପ୍ରେମିକା ଜଣକ ପ୍ରେମିକ ଠାରୁ ଦାମୀ ଶାଢ଼ୀ ନୁହେଁ, ଡ୍ରେସ ଝଡ଼େଇ ହୋଟେଲକୁ ଯାଇ ମନ ପସନ୍ଦର ଫାଷ୍ଟଫୁଡ ଖାଇ, ଫିଲ୍ମ ଦେଖା କେତେକ କ୍ଷେତ୍ରରେ ନିଶା ଆଉ ତାପରେ ଯାହା....। ସତରେ ଏ ଯୁଗରେ ଯଦି ମର୍ତ୍ତ୍ୟରୁ ସତ୍ୟବାନକୁ ତ ଛାଡ଼ନ୍ତୁ ଯମ ବି ଦେଖୁଥିବ ସେ ଜିଭ କାମୁଡ଼ି ନିଜ ବାଟ ଦେଖିବେ।

ଲେଖାର ଶିରୋନାମା ଥିଲା ମହଙ୍ଗା ସାବିତ୍ରୀ। ସ୍ୱାଭାବିକ ପ୍ରଶ୍ନ ଉଠିବ ସାବିତ୍ରୀ ତ ସାବିତ୍ରୀ ପୁଣି ମହଙ୍ଗା ସାବିତ୍ରୀ କ'ଣ ? ଆଜିର ସାବିତ୍ରୀ ଘରଣୀମାନେ ପୁରା ଚାଲାକ ହୋଇଗଲେଣି। ଆଉ ପୂର୍ବ ପରମ୍ପରାର ଭାବ ଅନୁଯାୟୀ ଶ୍ୱଶୁର ଘରୁ ସାବିତ୍ରୀର ସମସ୍ତ ଧାର୍ମିକ ସାଜ ଅନେକ ଯାଗାରେ ଆସୁନି। ବିଚରା ସତ୍ୟବାନଟି ମଲା। ତାର ପରମାୟୁ ବଢ଼ିବ କ'ଣ ସାବିତ୍ରୀ ବ୍ରତର ଢ଼େର ପୂର୍ବରୁ ବ୍ଲଡ଼ପ୍ରେସର ହେବା ଥୟ। ଟାଣି ଓଟାରି ସାବିତ୍ରୀ ବ୍ରତ ଦିନ ଚଳିଯାଇପାରେ କିନ୍ତୁ ରାତିଟା ଯେ ପାହିବ ମା ଗଙ୍ଗେଇ କୁ କ'ଣ ଯମଙ୍କ ଖତିଆନ ବି କାମ କରିବନି। ଘରଣୀମାନେ ବା କହିଲେଣି 'କିଓ, ପେଟ୍ରୋଲ ରେଟ ବା ଶହେ ଟପିଲାଣି, ରୋଷେଇ ଘରର ସୋରିଷ ତେଲ ଦୁଇଶହ ପରେ, ବଜାରରେ ଗୁପଚୁପ ଆଉ ଦଶଟଙ୍କାରେ ଦଶଟା ନୁହେଁ ଚାରିଟା ହେଲାଣି, ଏ ଜମାନାରେ କେଉଁଠି ଅଛକି ? ସର୍ବନିମ୍ନ ଟଙ୍କା ଦୁଇହଜାରରୁ କମିବନି। ସାବିତ୍ରୀ ବ୍ରତରରେ ଶାଢ଼ୀ କଥା ତ ଜାଣିଲେ, ବ୍ରତର ଦାମ ପାଞ୍ଚ ଟଙ୍କାରେ ଚଳି ଯାଉଛି, ପୂଜକ ନନାଙ୍କୁ ବି ପାଞ୍ଚ ଦଶଟଙ୍କା ଦେଇଦେଲେ ଚଳିବ କିନ୍ତୁ ମୁଖ୍ୟ ପୂଜା ସାମଗ୍ରୀ ଫଳ କିଣିଲା ବେଳକୁ ଆପଣଙ୍କ କାନ ମୁଣ୍ଡ ଝାଇଁ ମାରିଯିବ। ଫଳ ବାଲା ବି ପୁରା ଚାଲାକ ଆପଣଙ୍କର ନାଗୁଆ ଫଳ ବାଲା ବି ସାବିତ୍ରୀ ବ୍ରତ ଦିନ ଆପଣଙ୍କ ପର୍ସକୁ କଣା କରିବ। ଯେଉଁ କଦଳୀ ଗତ କାଲି ଡର୍ଜନ ୫୦ଟଙ୍କା ସେ ଆଜି ଶହେ ଟଙ୍କା। ସୁକୁଟା ସେଓ କିଲୋ ୨୦୦ରୁ ଡବଲ ହୋଇ ଚାରି ପାଖାପାଖି ଆପଣ କେତେ ଟଙ୍କାର ଫଳ କିଣିବେ କହିଲେ ? ଫଳ ବିନା ବା ଚଳନ୍ୟ ଫଳ ଆଣି ଘରେ ପହଞ୍ଚିଲା ବେଳକୁ ସାବିତ୍ରୀଙ୍କ ବିରକ୍ତିର ପାରାମିଟର ପୁରା ମୁଣ୍ଡ ଉପରେ ଥିବ। ଏ ବର୍ଷର ସାବିତ୍ରୀର ବାର ଦିନ ଟିକେ ଦେଖିଲେ। ମାସ ଆଉ ସରିବାକୁ ଗୋଟିଏ ଦିନ ଯିଏ ଚାକିରିଆଟିଏ ହୋଇଥିବା ବା ଅର୍ଦ୍ଧ ଚାକିରିଆ ତା ପର୍ସ ଆଉ ମୁଣ୍ଡ ଦିଟାକ ଯାକ ଟିଣ ହୋଇଯିବ। ହଁ, ଏହା ଅବଶ୍ୟ କରିବ କାହା ଠାରୁ ମାଗିଯାଚି ବା ଧାର ଉଧାର କରି ସ୍ତ୍ରୀଙ୍କ ମନ ରଖିବା ପାଇଁ ଶାଢ଼ୀ ବା ସାବିତ୍ରୀ ଖର୍ଚ୍ଚ ଚଳାଇଦେବ। ଭାରତର ଆବହମାନ ଆଧାତ୍ମିକ ସଂସ୍କୃତିକୁ ଦେଖନ୍ତୁ। କେବଳ ସାବିତ୍ରୀ ନୁହଁନ୍ତି ସୀତାଙ୍କ ଠାରୁ ମନ୍ଦୋଦରୀ, ରାଧାଙ୍କ ଠାରୁ ଦ୍ରୌପଦୀ ସବୁ ଯୁଗରେ ସ୍ୱାମୀଙ୍କ ପ୍ରତି ସମର୍ପିତ ପତିବ୍ରତାର ଯେଉଁ ଉଦାହରଣ ରଖିଛନ୍ତି ତାହା ପ୍ରତିଟି ଯୁଗ, ପ୍ରତିଟି କାଳ ପାଇଁ ଆଦର୍ଶର ବିରାଟ ବଡ଼ ଉଦାହରଣ। କିନ୍ତୁ ଆଜିର ସମୟକୁ ଦେଖନ୍ତୁ। ଆମେ ଦେଖୁଛୁ ବର୍ତ୍ତମାନ ସମାଜରେ ବି ଅନେକ ପତିବ୍ରତା



**ତ୍ରିନାଥ ଓଝା**
ଭାଗବତ ଗାଦି ବଡ଼ଦାଣ୍ଡ,
ଧବଳେଶ୍ୱର ଗଡ଼ା, କଟକ,
ଦୂରଭାଷ : ୯୨୩୮୬୦୨୮୨୫

ନିଜ ଜୀବନ ଖୁସି ଓ ସୁଖକୁ ଉତ୍ସର୍ଗ କରି ନିଜ ସ୍ୱାମୀ ପାଇଁ, ପରିବାର ପାଇଁ, ସମାଜ ପାଇଁ ମହନୀୟତାର ସେବା ରଖୁଥିବା ନାରୀମାନଙ୍କର ଅଭାବ ନାହିଁ। ସେହି ମାନଙ୍କ ପାଇଁ ଆଜି ଏ ସମାଜରେ ଧର୍ମର ଡଙ୍କା ବି ଚାଲିଛି। କିନ୍ତୁ ଆମେ ଉପସ୍ଥାପନ କରିଥିବା ଚରିତ୍ରମାନେ ବି କିଛି କମ ନାହାଁନ୍ତି। କିଛି ପରିସଂଖ୍ୟନର ତଥ୍ୟ ଦେଖନ୍ତୁ ଜାଣିପାରିବେ ଆଜିର ସମୟରେ କେତେ ଜଣ ପତିବ୍ରତା, ଧର୍ମପରାୟଣ, ସ୍ୱାମୀ ସମର୍ପିତ ନାରୀ ପାଇବେ ଯେଉଁମାନେ ସ୍ୱାମୀଙ୍କ ଜୀବନ ଫେରାଇ ଆଣିବା ତ ଦୂରର କଥା, ୩୬୫ଦିନ ଛାଡ଼ନ୍ତୁ, ସାବିତ୍ରୀ ବ୍ରତ ପରି ଗୋଟିଏ ଦିନ ଅନ୍ତତଃ ସ୍ୱାମୀର ମନ ଓ ତା ଭାବନା ବୁଝି ଦିନଟିକୁ ସୁଖମୟ କରିପାରୁଛନ୍ତି ? ଆମେ ଆଉ ଗୋଟିଏ ଦିଗ ବି ସ୍ପଷ୍ଟ କରୁଛୁ କେତେକ କ୍ଷେତ୍ରରେ କିଛି ପୁରୁଷମାନେ ତାଙ୍କ ଆଡୁ କିଛି ଭୁଲଭଟକା ରଖିଥାନ୍ତି। ସଂସାର କରି ବି ଘରେ ପତ୍ନୀ ଥାଇ ବି ପରକ୍ରିୟା ପ୍ରୀତି, ଅନ୍ୟ ନାରୀ ମାନଙ୍କ ସହ ସମ୍ପର୍କ ରଖିବା, ପରିବାର, ସ୍ତ୍ରୀ ପିଲାଛୁଆଙ୍କୁ ନ ଦେଖିବା, କର୍ମ ବିମୁଖ ହୋଇ ମାରାତ୍ମକ ନିଶାସକ୍ତ ହେବା, ଏହିପରି ଆଚରଣ ରଖିଲେ ଜଣେ ସ୍ୱାଭାବିକ ଭାବେ ନିଜକୁ ସତ୍ୟବାନ ବୋଲି ବିଚାର କରିପାରିବ ନାହିଁ।

ସାବିତ୍ରୀ ବ୍ରତ ହିନ୍ଦୁ ଆଧାତ୍ମିକ ବିଶ୍ୱାସ ଓ ପ୍ରତିଟି ଓଡ଼ିଆଙ୍କ ଘର ପାଇଁ ଏକ ଭାବନାତ୍ମକ ଆଧାତ୍ମିକ ପବିତ୍ର ଦିନ। ଏହି ମହାନ ବ୍ରତର ପଛରେ ରହିଛି ବଡ଼ ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ପତିବ୍ରତାର ସଂକଳ୍ପ, ନିତୀନିଷ୍ଠ ଚରିତ୍ର ଓ ପରିବାର ପାଇଁ ସେବାର ଉତ୍ସର୍ଗୀକୃତ ଭାବନା ଯାହାକି ଅନେକ ପରିବାରରେ ଝଡ଼ ସୃଷ୍ଟି କରୁଛି। ପୌରାଣିକ ସତ୍ୟବାନଙ୍କ ପିତା ଜଣେ ଅନ୍ଧ ଋଷିଥିଲେ ଯେଉଁଠି ସାବିତ୍ରୀ ଥିଲେ ଜଣେ ରାଜକନ୍ୟା। ପ୍ରାଚୁର୍ଯ୍ୟକୁ ଛାଡ଼ି ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ସେବା ପାଇଁ ଜଙ୍ଗଲର କଣ୍ଟକିତ ଜୀବନକୁ ଆପଣେଇ ଥିଲେ। ଠିକ ମା ସୀତାଙ୍କ ପରି। କିନ୍ତୁ ଆଜିର ସମୟର ତଥା କଥିତ ବଡ଼ ଘରର କିନ୍ତୁ ବଡ଼ ହୃଦୟର ନୁହଁନ୍ତି, ସାବିତ୍ରୀମାନେ ସ୍ୱାମୀ ରୂପେ ବରଣ କରିସାରିଥିବା ସେମାନଙ୍କ ସତ୍ୟବାନ ଓ ଦେବତୁଲ୍ୟ ଶ୍ୱଶୁର ଶାଶୁଙ୍କ ପାଇଁ ନିଜ ସ୍ୱାର୍ଥକୁ ତ୍ୟାଗକରି ସେବା ଓ ନିଷ୍ଠା ପ୍ରତିପାଦନ କରିପାରୁଛନ୍ତି କି ? ଶାଢ଼ୀର ଦାମ ଟିକିଏ କମିଗଲେ, ବଜାର ବୁଲା ଟିକିଏ ନହେଲେ, ଦାମୀ ମନଲାଖି ମୋବାଇଲଟି ନ ମିଳିଲେ ନିଜ ମନ ପସନ୍ଦର ବାରରେ ଟିକିଏ ଆଇଁଶ ପାଟିରେ ନବାଜିଲେ ବା ନିଜ ବାପଘର ସହିତ ଟିକିଏ ଭଲ ସମ୍ପର୍କ ନରହିଲେ ସେମାନେ ଆଜିର ସତ୍ୟବାନ ମାନଙ୍କୁ ଭଲରେ ଜୀବନ ବିତାଇ ଦେବେ ? ତାହାହେଲେ ଏ ସାବିତ୍ରୀ ବ୍ରତର ପ୍ରାସଙ୍ଗିକତା, ଆବଶ୍ୟକତା ଓ ଶିକ୍ଷଣୀୟତା କ'ଣ ? ନାରୀ ନାରାୟଣୀ ହୁଅନ୍ତୁ କିନ୍ତୁ ଅସୁରୁଣୀ ନ ହୁଅନ୍ତୁ। ସାବିତ୍ରୀ ବ୍ରତରେ ଏ ଲେଖାଟି ପଢ଼ି ଲେଖକ ପ୍ରତି ବିଦ୍ରୁପ ଉଠିପାରେ, କାହାଙ୍କର ଅଭିଯୋଗ ବି ଆସିପାରେ ଏହାକୁ ଆମେ ଖୋଲା ହୃଦୟରେ ବିନମ୍ର ଭାବେ ଗ୍ରହଣ କରୁଛୁ ଆଉ ଗ୍ରହଣ କରିବୁ ମଧ ଆଉ ପୁନର୍ବାର ଆମେ ଏଠାରେ ସୂଚୀତ କରୁଛୁ କି ଯେ ଆମର ଭାବନା ସବୁ ସାବିତ୍ରୀ ମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ନୁହେଁ। କାରଣ କିଛି ତ୍ୟାଗ, ପତିବ୍ରତା, ସମର୍ପଣ ଓ ସଂକଳ୍ପର ଆଜିର ସମୟରେ ସାବିତ୍ରୀମାନେ ବି ରହିଛନ୍ତି ଯେଉଁମାନେ ସ୍ୱାମୀଙ୍କୁ ଯନ୍ତ୍ରଣା, କଷ୍ଟ, ରୋଗ, ଅଭାବ, ନୈରାଶ୍ୟ, ହା ହୁତାଶରୁ ସୁଖ, ଆନନ୍ଦ ଓ ପ୍ରାପ୍ତିର ଦିବ୍ୟତା ଭିତରକୁ ନେଇ ସଫଳତା ମଧ ପାଉଛନ୍ତି। କିନ୍ତୁ ସାବିତ୍ରୀ ବ୍ରତରେ ଭଗବାନ ନକରନ୍ତୁ ସାବିତ୍ରୀ ବ୍ରତ ଦିନ ବା ପରଦିନ ପ୍ରତିବର୍ଷ ପରି ସାବିତ୍ରୀ ଜନିତ ଏପଟ ସେପଟର ଅଘଟଣ ଖବର ଆମ ପରି କୋଟି କୋଟି ପାଠକଙ୍କ ଆଖିରେ ନପଡୁ। ଜୟ ଜଗନ୍ନାଥ।

# ଆଧାତ୍ମିକତା ଓ ଧର୍ମାନ୍ତରୀକରଣ ମୁକ୍ତ ଭାରତ

ସତ୍‌ସଙ୍ଗର ପ୍ରାଣପୁରୁଷ ପୁରୁଷୋତ୍ତମ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସର୍ବଧର୍ମ ସମନ୍ୱୟକାରୀ ଆଚରଣ ଓ ଉଚ୍ଚାରଣରେ ବିମୋହିତ ହୋଇ ହିନ୍ଦୁ, ମୁସଲ୍‌ମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ ଇତ୍ୟାଦି ଭକ୍ତଗଣ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଆବାଳବୃଦ୍ଧବନିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଗୁରୁ ରୂପେ ବରଣ କରିଥିଲେ। ଧର୍ମାନ୍ତରୀକରଣ ସମ୍ବନ୍ଧରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଧର୍ମ ଚିରଦିନ ହିଁ ଏକ ଏବଂ ତାହା ଆଚରଣର ବସ୍ତୁ। ଧର୍ମର କେବେହେଲେ ଭେଦ ହୁଏନାହିଁ। ଧର୍ମ କେବେହେଲେ ପିତୃପୁରୁଷ ବା ମନୁଷ୍ୟର ଅତୀତ ସତ୍ତାସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏ ନାହିଁ। ଏକ କଥାରେ ଧର୍ମାନ୍ତରୀକରଣ ଧର୍ମର କୌଣସି ପରିଭାଷା ନୁହେଁ। ଶ୍ରୀ ଶ୍ରୀ ଠାକୁରଙ୍କର ଜନୈକ ଭକ୍ତ ହାର୍ଭାଡ଼ ବିଶ୍ୱବିଦ୍ୟାଳୟର ପ୍ରଫେସର ଏଡ୍‌ମଣ୍ଡ ସ୍ପେନ୍‌ସର୍ ଭାଇ ଏହା ଶୁଣି ଉତ୍‌ଫୁଲ୍ଲିତ ହୋଇଉଠିଲେ, କହିଲେ - ଆପଣ ଠିକ୍ କହିଛନ୍ତି, ବାଇବେଲରେ ମଧ ଏହାର ସମର୍ଥନ ଅଛି। ଶ୍ରୀ ସ୍ପେନ୍‌ସର୍ ଭାଇ ବାଇବେଲ୍‌ରୁ ପଢ଼ିଲେ - ହାୟ ! ଅଧାର୍ମିକ ଇହୁଦୀ ଧର୍ମବ୍ୟାଖ୍ୟାତାଗଣ, ତୁମ୍ଭେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ନିମିତ୍ତ ଜଳ, ସ୍ଥଳ ପରିଭ୍ରମଣ କରୁଛ ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ସେତେବେଳେ ତୁମ୍ଭେମାନେ ତାକୁ ଏକ ନରକ ନନ୍ଦନ କରି ଉଠାଓ, ଯିଏକି ତୁମ ଠାରୁ ଦୁଇଗୁଣ ଖରାପ ହୋଇଉଠେ। (ମାଥ୍ୟୁ, ୨୩;୧୫)

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ବୁଝିରଖ ଏହା ବରାବର ଚାଲିଆସିଛି। ଆଉ ଆମ୍ଭେମାନେ ଏହାର ବିରୁଦ୍ଧ ଆଚରଣ କରୁଛୁ। ଧର୍ମାନ୍ତରୀକରଣ ଧର୍ମର ପରିପନ୍ଥୀ। କିନ୍ତୁ ପରିପୂରଣୀ ଦୀକ୍ଷା ଜିନିଷଟା ହେଲା ଅଲଗା, ଏଥିରେ ଗୁରୁତ୍ୟାଗ ହୁଏନାହିଁ, ବଂଶ ତ୍ୟାଗ ହୁଏନାହିଁ, କୃଷ୍ଟି ତ୍ୟାଗ ହୁଏନାହିଁ ବରଂ ପ୍ରତ୍ୟେକଟା ହିଁ ସ୍ଫୁରଣଦୀପନା ଲାଭକରେ। ମୋର ବକ୍ତବ୍ୟ ଏହା ଯେ - ପୂର୍ବତନ କୌଣସି ଏକ ଜଣଙ୍କୁ ନ ମାନିବା ହିଁ ମହାକ୍ଷତି। ବର୍ତ୍ତମାନ ପୂରକ ପୁରୁଷ ହେଉଛନ୍ତି ସର୍ବଦେବମୟୋଗୁରୁଃ। ପୂର୍ବତନ ପ୍ରତ୍ୟେକଟି ମହାପୁରୁଷ ତାଙ୍କ ମଧ୍ୟରେ ଜୀବନ୍ତ। ତାଙ୍କ ପାଖରେ ଧର୍ମାନ୍ତରକରଣ ନାହିଁ ବରଂ ଅଛି ନିଷ୍ଠା। ଧର୍ମାନ୍ତରକରା ମାନେ ବିଶ୍ୱାସଘାତକତା କରିବା ଓ ଏହା ଧର୍ମ ରାଜ୍ୟର କଥା ନୁହେଁ। ମୋ ପାଖକୁ ଜଣେ ଖ୍ରୀଷ୍ଟିୟାନ ଭକ୍ତ ଆସିଲେ ମୁଁ ତାକୁ କୁହେ - ଆହୁରି ଗଭୀର ଭାବେ ଖ୍ରୀଷ୍ଟିୟାନ୍ ହୁଅ, କୌଣସି ମୁସଲମାନ୍ ଭକ୍ତ ଆସିଲେ ତାଙ୍କୁ କୁହେ ଆହୁରି ଗଭୀର ଭାବେ ମୁସଲିମ୍ ହୁଅ। ଏହି ପ୍ରସଙ୍ଗରେ ପୁନରାୟ ଆମେରିକାନ୍ ଭକ୍ତ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୦୫୧୯୫୭

ସ୍ପେନ୍‌ସର୍ ଭାଇ ପରିପୂରଣୀ ଦୀକ୍ଷା ସମର୍ଥନରେ ବାଇବେଲ୍‌ରୁ ପଢ଼ି ଶୁଣାଇଲେ - ସର୍ଗୀୟ ଜୀବନବାଦରେ ଦୀକ୍ଷିତ ପ୍ରତିଟି ଇହୁଦୀ ଧର୍ମଶାସ୍ତ୍ରଜ୍ଞ ବ୍ୟକ୍ତି ସେହି ଗୃହୀର ସମତୁଲ୍ୟ ଯିଏ କି ତାର ଭଣ୍ଡାରରୁ ପ୍ରାଚୀନ ଓ ନବୀନ ସବୁକିଛି ବାହାର କରି ଦେଖାଇପାରେ। (ମାଥ୍ୟୁ. ୧୪;୫୧)

ଜଣେ ମୌଲବୀ ସାହେବଙ୍କ ସହିତ ଇସ୍‌ଲାମ ସମ୍ପର୍କରେ କଥା କହୁ କହୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଇସ୍‌ଲାମ ଶବ୍ଦର ଅର୍ଥ ଖୋଦାଙ୍କ ଠାରେ ଆତ୍ମନିବେଦନ ବା ଶାନ୍ତି। କଲେମା, ନାମାଜ, ରୋଜା, ହଜ୍ ଓ ଜାକାତ୍ - ଏହି ପାଞ୍ଚଟି ଅନୁଷ୍ଠାନ ମୁସଲମାନ ମାନଙ୍କର ଅବଶ୍ୟ କରଣୀୟ। ପ୍ରତ୍ୟେକ ଶାସ୍ତ୍ରରେ ଏହି ବିଧାନ ଅବଶ୍ୟ ଅଛି, ହୁଏତ ବିଭିନ୍ନ ଭାଷାରେ ବା ନାମରେ। କଲେମା ଅର୍ଥ ଖୋଦାଙ୍କ ପାଖରେ ବିଶ୍ୱାସ ରଖି ପ୍ରେରିତ ପୁରୁଷଙ୍କୁ ସ୍ୱୀକାର କରି ତାଙ୍କ ଅନୁଶାସନରେ ଚାଲିବା। ଏହି ବିଶ୍ୱାସ, ସ୍ୱୀକୃତି ଓ ଅନୁସରଣ ହେଉଛି ଧର୍ମର ପ୍ରଥମ ଭିତ୍ତି। ହିନ୍ଦୁ ମାନଙ୍କ ମତରେ ସଦ୍‌ଗୁରୁଙ୍କ ପାଖରେ ଦୀକ୍ଷା ଗ୍ରହଣ ଓ ଖ୍ରୀଷ୍ଟିୟାନ୍ ମାନଙ୍କର ଅଭିଷେକ ପ୍ରଥା ରହିଛି। ବୌଦ୍ଧମାନେ ଆନୁଷ୍ଠାନିକ ଭାବେ ତ୍ରିଶରଣ ମନ୍ତ୍ର ଗ୍ରହଣ କରନ୍ତି। ନାମାଜ ମାନେ ସନ୍ଧ୍ୟା, ବନ୍ଦନା ଓ ପ୍ରାର୍ଥନା। ରୋଜା ମାନେ ଇଷ୍ଟଚିନ୍ତାପରାୟଣ ହୋଇ ସୁନିୟନ୍ତ୍ରିତ ଉପବାସ। ହଜ୍ ମାନେ ତୀର୍ଥଯାତ୍ରା। ଜାକାତ୍ ମାନେ ଧର୍ମାର୍ଥେ ଦାନ ଅର୍ଥ ଇଷ୍ଟଭୃତି। ଏହି ପଞ୍ଚନୀତି ସବୁଧର୍ମରେ ନିହିତ ଅଛି। ବିଦାୟ ହଜ୍‌ରେ ପୟଗମ୍ବର ରସୁଲ ଆଲ୍ଲା ଧର୍ମାନ୍ତରୀକରଣ ବିରୁଦ୍ଧରେ ତୀବ୍ର ଭାବେ ମତ ପ୍ରକାଶ କରିଛନ୍ତି। ହିନ୍ଦୁ ମାନଙ୍କର ଗୟାରେ ପିଣ୍ଡଦାନ, ଖ୍ରୀଷ୍ଟିୟାନ ମାନଙ୍କର ବିଚାରର ଦିନ ଓ ମୁସଲମାନ ମାନଙ୍କର ରୋଜକୟାମତ୍‌ର ଅର୍ଥ ଏକ ଓ କେବଳ ଭାଷାର ବିଭିନ୍ନତା। ଶ୍ରୀକୃଷ୍ଣ ଶବ୍ଦଯୋଗୀ ଥିଲେ। ଶ୍ରୀକୃଷ୍ଣଙ୍କ ହାତରେ ଥିଲା ବଂଶୀ ଓ ସେହି ବଂଶୀରୁ ରାଧା, ରାଧା ବୋଲି ଆୱାଜ ବାଜୁଥିଲା। ମୋର ମନେହୁଏ ଯୀଶୁଖ୍ରୀଷ୍ଟ ମଧ ଶବ୍ଦଯୋଗୀ ଥିଲେ। ବାଇବେଲ୍‌ରେ ଅଛି - ଆଦିରେ ବାକ୍ ଥିଲା, ବାକ୍ ଥିଲା ଈଶ୍ୱରଙ୍କ ପାଖରେ ଏବଂ ବାକ୍ ହିଁ ଈଶ୍ୱର। ରସୁଲ୍ ମଧ ନୂର ଓ ଆୱାଜ କଥା କହୁଥିଲେ। ଏହି ଶବ୍ଦ ସାଧନା ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ସମସ୍ତଙ୍କ ଭିତରେ ଅଛି, ତେଣୁ ଧର୍ମାନ୍ତରୀକରଣ ହେଉଛି ଗୀତା, କୋରାନ୍ ଓ ବାଇବେଲ ବିରୋଧୀ। ତେଣୁ ବଜ୍ରକଣ୍ଠରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ଜାତିକୁ ଆହ୍ୱାନ ଦେଲେ - ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତୀ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କର ଆର୍ବିଭାବ।

# ହଜି ଯାଉଛି ଋତୁ

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରି ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି ? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି ? କାହିଁକି ତରଳୁଛି ବରଫ ମେରୁ ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର



**ବାଦଲ ଭୂୟାଁ**
ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେ଼ଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

# ଆସିଷ୍ଟାଣ୍ଟ୍ ପ୍ରଫେସର ପରୀକ୍ଷା ବନ୍ଦ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିବାଦ ପରେ ନିଯୁକ୍ତି ପକ୍ରିୟା ସ୍ଥଗିତ ରଖିଲା ଓପିଏସ୍‌ସି। ଆସିଷ୍ଟାଣ୍ଟ ପ୍ରଫେସର ପରୀକ୍ଷା ହେଲା ବନ୍ଦ। ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ପାଇଁ ସାକ୍ଷାତକାର ଓ ଡକ୍ୟୁମେଣ୍ଟ ଯାଞ୍ଚକୁ ସ୍ଥଗିତ ରଖିଲା ଓପିଏସ୍‌ସି। ବିଶ୍ୱବିଦ୍ୟାଳୟର ନିଯୁକ୍ତି ପ୍ରକ୍ରିୟା ବନ୍ଦ ପାଇଁ ରାଜ୍ୟପାଳଙ୍କୁ ଭେଟିଥିଲେ ପୂର୍ବତନ ଭିସି ଓ ଶିକ୍ଷାବିତ। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ସାତକାର ପରୀକ୍ଷା ବନ୍ଦ କରାଯାଇଛି। ୟୁନିଭରସିଟି ଗ୍ରାଣ୍ଟ କମିଶନ(ୟୁଜିସି)ର ତାଗିଦ ପରେ ଓପିଏସ୍‌ସି ଏହି ପଦକ୍ଷେପ ନେଇଛି। ଓଡ଼ିଶା ୟୁନିଭରସିଟି ସଂଶୋଧନ ଆକ୍ଟ ୨୦୨୦କୁ ଉଲ୍ଲଂଘନ କରାଯାଉଥିବା ନେଇ ୟୁଜିସି ପକ୍ଷରୁ ଓପିଏସ୍‌ସି ଓ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଥିଲା। ଏ ନେଇ ଆଜି ରାଜ୍ୟପାଳଙ୍କୁ ଭେଟିଥିଲେ ପୂର୍ବତନ ଭିସି ଏବଂ ଶିକ୍ଷାବିତ୍‌ମାନେ। ସୁପ୍ରିମ୍‌କୋର୍ଟଙ୍କ ସ୍ଥଗିତ ଅର୍ଡରକୁ ଅବମାନନା କରାଯାଉଥିବା ନେଇ ୟୁଜିସି ଉଭୟ ଓପିଏସ୍‌ସି ଓ ଉଚ୍ଚ ଶିକ୍ଷା ବିଭାଗକୁ ତାଗିଦ କରିଥିଲା। ଆସନ୍ତା ୩ ମାସ ପାଇଁ ସ୍ଥଗିତ ରଖିବା ପାଇଁ ସୁପ୍ରିମ୍‌କୋର୍ଟ ଗତ ୨୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଚ୍ଚଶିକ୍ଷା ବିଭାଗ ଓ ଓପିଏସ୍‌ସି ସୁପ୍ରିମ୍‌କୋର୍ଟଙ୍କ ନିୟମକୁ ଉଲ୍ଲଂଘନ କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜୁନ୍ ମାସ ୪ ତାରିଖରେ ଫିଜିକ୍ସର ଆସିଷ୍ଟାଣ୍ଟ ପ୍ରଫେସର ପଦ ପାଇଁ ସାକ୍ଷାତକାର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ଏହି ପରୀକ୍ଷାକୁ ଓପିଏସ୍‌ସି ପକ୍ଷରୁ ସ୍ଥଗିତ ରଖାଯାଇଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ଏହି ବିଜ୍ଞପ୍ତୀ ବଳବତ୍ତର ରହିବ। ଆଗକୁ ଏ ବାବଦରେ ଅଧିକ ଅପଡେଟ୍ ପାଇବା ପାଇଁ କମିଶନଙ୍କ ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ଓପିଏସ୍‌ସି ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଇଛି।




# କଟକରେ ହୁଗୁଳା ଟ୍ରାଫିକ୍

**କଟକ(ସଂପର୍କବାର୍ତ୍ତା):-**ଦୀର୍ଘ ୩୦ କିଲୋମିଟର ପରିବ୍ୟାପ୍ତ ଅଂଚଳକୁ ନେଇ ରହିଛି କଟକ ସହର। ଟ୍ରାଫିକ ଥାନା ଗୋଟିଏ। ସହରରେ ଟ୍ରାଫିକ୍ ପରିଚାଳନା କରିବା ପୁଲି ପାଇଁ କାଠିକର ପାଠ ହୋଇପଡୁଛି। ଦିନକୁ ଦିନ ବଢୁଥିବା ଗାଡିମଟର ସଂଖ୍ୟା ବୋଝ ଉପରେ ଲଳିତା ବିଡା ସାଜିଛି। ବକ୍ସିବଜାରଠାରୁ ଘେରିବନ୍ଧ ମଧ୍ୟରେ ଆଉ ଏକ ଟ୍ରାଫିକ୍ ଥାନା ତିଆରି କରାଯିବା ପାଇଁ ୨୦୨୧ ଜାନୁଆରୀରେ ନିଷ୍ପତ୍ତି ନିଆଯାଇଥିଲା। ଏ ପର୍ଯ୍ୟନ୍ତ ଏହାକୁ ରୂପରେଖ ଦିଆଯାଇନାହିଁ। ଗୋଟିଏ ମାତ୍ର ଟ୍ରାଫିକ ଥାନା ଯୋଗୁଁ ସମଗ୍ର ସହରର ଟ୍ରାଫିକ୍ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି।

ଜାତୀୟ ରାଜପଥକୁ ଟ୍ରାଫିକ ମୁକ୍ତ କରିବା ତଥା କଟକ ସହିତ ଭୁବନେଶ୍ୱରର ଦୂରତା ହ୍ରାସ ଲାଗି କାଠଯୋଡି ଉପରେ ତ୍ରିଶୂଳିଆ ବେଲିଭ୍ୟୁ ସେତୁ ନିର୍ମାଣ କରାଯାଇଛି। ଭୁବନେଶ୍ୱରରୁ କଟକ-ଢେଙ୍କାନାଳର ଦୂରତା ହ୍ରାସ ଲାଗି ମହାନଦୀରେ ମଦୁସୂଦନ ସେତୁ ନିର୍ମାଣ ହୋଇଛି। ଏହି ଅଂଚଳରେ ଗାଡି ଚଳାଚଳ ପୂର୍ବାପେକ୍ଷା ବହୁ ଗୁଣରେ ବଢି ଯାଇଛି। ୫ ବର୍ଷ ମଧ୍ୟରେ କଟକ ସହରରେ ନୂଆ ଗାଡି ସଂଖ୍ୟା ପ୍ରାୟ ଦୁଇ ଗୁଣ ବଢିଛି। ଏଥିସହିତ ଗୋପାଳପୁରଠାରୁ ଜଗତପୁର ଏବଂ ଓଏମପି ଠାରୁ କନ୍ଦରପୁର ପର୍ଯ୍ୟନ୍ତ ଯାଇଥିବା ରାଜପଥରେ ଯାତାୟତ କରୁଥିବା ଗାଡି ସଂଖ୍ୟା ପୂର୍ବାପେକ୍ଷା ବହୁ ମାତ୍ରାରେ ବଢିଚାଲିଛି। ବର୍ଦ୍ଧିତ ଗାଡି ଓ ଜନସଂଖ୍ୟା ଯୋଗୁଁ ସହରରେ ଟ୍ରାଫିକ ପରଚାଳନା କରିବା କଷ୍ଟକର ହେଉଛି। ଟ୍ରାଫିକ ଥାନାରେ ଜଣେ ଇନ୍ସପେକ୍ଟର, ଜଣେ ଏସଆଇ, ୭ଜଣ ଏଏସଆଇ, ୧୯ ଜଣ ହେଡ କନେଷ୍ଟବଳ ଓ ୧୨୫ ଜଣ କନେଷ୍ଟବଳ, ୨୫ ଜଣ ଓଏପିଏଫଙ୍କ ସହ ୩୩ ଜଣ ହୋମଗାର୍ଡଙ୍କୁ ନେଇ ମୋଟ ୨୦୭ ଜଣ କର୍ମଚାରୀ କାର୍ଯ୍ୟ କରୁନ୍ତି। ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭଲପେମେଣ୍ଟ (ବିପିଆରଡି)ର ନିୟମ ଅନୁଯାୟୀ ୧୦ ଲକ୍ଷରୁ କମ ଲୋକ ସଂଖ୍ୟା ଥିବା ସହରକୁ ସି ବର୍ଗରେ ଓ ୧୦ ଲକ୍ଷ ବା ତଦୁର୍ଦ୍ଧ ଲୋକ ସଂଖ୍ୟା ବିଶିଷ୍ଟ ସହରକୁ ବି ବର୍ଗରେ ସାମିଲ କରାଯାଇଥାଏ। ଲୋକ ସଂଖ୍ୟା ଦୃଷ୍ଟିରୁ କଟକ ସହର ଏବେ ବି ବର୍ଗରେ ଆସୁଛି। ବି ବର୍ଗ ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତଣ ଲାଗି ଅଫିସରକୁ ମିଶାଇ ୧୭ ଶହରୁ ଅଧିକ ଓ ସି ବର୍ଗ ସହର ଲାଗି ୧୩ ଶହରୁ ଅଧିକ କର୍ମଚାରୀ ରହିବାର ନିୟମ ରହିଛି। କଟକର ଟ୍ରାଫିକ ଥାନାରେ ମାତ୍ର ୨୦୭ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଟ୍ରାଫିକ ପୁଲିସକୁ ସହାୟତା ଲାଗି ୨୦୧୭ରୁ ଆରମ୍ଭ ହୋଇଥିବା ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ବ୍ୟବସ୍ଥା ଦୁଇବର୍ଷ ବନ୍ଦ ରହିବା ପରେ ପୁଣି ନୂଆ ନିଯୁତି ଦିଆଯାଇଛି। ଏସବୁ ସତ୍ତ୍ୱେ ଗୋଟିଏ ଥାନା ଏତିକି କର୍ମଚାରୀଙ୍କୁ ନେଇ ଏତେବଡ ସହରରେ ଟ୍ରାଫିକ୍ ପରିଚାଳନା କରିବା ସହଜ ହେଉନି। ସହରର ଗୋଟିଏ ପଟେ କିଛି ଅଘଟଣ ଘଟିଲେ ଟ୍ରାଫିକ ଥାନାରୁ ଅଫିସର ଯାଇ ଘଟଣାସ୍ଥଳରେ ପହଞ୍ଚିବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗିଯାଉଛି। ଟ୍ରାଫିକ ପୁଲିସ ଉପରେ ଅନ୍ୟ କାମର ଭାର ବଢିବାରେ ଲାଗିଛି। ହେଲମେଟ ଓ ଗାଡି କାଗଜପତ୍ର ଯାଞ୍ଚ, ଜବରଦଖଲ ଉଚ୍ଛେଦ, ଗାଡି ବେଗ ଯାଞ୍ଚ କରିବା ଓ ବିଭିନ୍ନ ଛକରେ ଟ୍ରାଫିକ ନିୟନ୍ତ୍ରଣ ଭଳି କାମ ଏବେ ଟ୍ରାଫିକ ପୁଲିସ କରୁଛି। ଭୁବନେଶ୍ୱର ଭଳି କଟକର ବକ୍ସବଜାରରେ ଆଉ ଏକ ଟ୍ରାଫିକ୍ ଥାନା ତିଆରି କରାଯିବା ପାଇଁ କମିସନରେଟ ପୁଲିସର ଉଚ୍ଚ ଅଧିକାରୀଙ୍କ ମଧ୍ୟରେ ବୈଠକ ବସି ଚୂଡାନ୍ତ ହୋଇଥିଲା। ଇତି ମଧ୍ୟରେ ୨ ବର୍ଷ ଅତିକ୍ରାନ୍ତ କରିସାରିଥିଲେ ମଧ ଟ୍ରାଫିକ ଥାନା ସ୍ଥାପନ ଦିଗରେ କୌଣସି ଚୂଡାନ୍ତ ହୋଇପାରିନାହିଁ।

# କଟକରେ ନକଲି ପୁଲିସ !

**କଟକ(ସଂପର୍କବାର୍ତ୍ତା):-** ସାବଧାନ କଟକରେ ବୁଲୁଛନ୍ତି ନକଲି ପୁଲିସ। ଖାକି ପୋଷାକ ପିନ୍ଧୁଛନ୍ତି। ପୁଲିସ କର୍ମଚାରୀ କି ନାହିଁ ଆଦୌ ବାରି ହେବ ନାହିଁ। ବେଶଭୂଷାରୁ ଜଣେ ପୁଲି ବୋଲି ଯେ କେହି କହିବ। ଏଭଳି ନକଲି ବେଶ ଧରି ଲୋକଙ୍କୁ ଠକୁଛନ୍ତି। କେଉଁଠି ଦୋକାନରୁ ଟଙ୍କା ନେଉଛନ୍ତି ତ କେଉଁଠି ବାଇକ ଚାଳକଙ୍କୁ ଅଟକାଇ ଟ୍ରାଫିକ ନିୟମ ଆଳରେ ଜୋରିମାନା ଆଦାୟ କରୁଛନ୍ତି। ଜଣେ ସାମ୍ବାଦିକ ଏଭଳି ଜଣେ ନକଲି ପୁଲିସ ହାବୁଡରେ ପଡିବା ପରେ ଘଟଣା ସାମ୍ନାକୁ ଆସିଛି।

ଶୁକ୍ରବାର ଅପରାହ୍ନରେ ରିଂ ରୋଡ ସ୍ଥିତ ସିସୋର ପଠା ନିକଟ ଅଂଚଳରେ ଜନୈକ ସାମ୍ବାଦିକ କାର୍ଯ୍ୟରେ ଯାଇଥିଲେ। ବାଇକରେ ଯାଉଥିବା ବେଳେ ସେ ହେଲମେଟ୍ ପରିଧାନ କରିନଥିଲେ। ରାସ୍ତାଘାଟ ଫାଙ୍କା ଥିଲା। ଏହି ସମୟରେ ପୁଲିସ ପୋଷାକ ପିନ୍ଧିଥିବା ଜଣେ ଯୁବକ ତାଙ୍କୁ ଅଟକାଇ ଥିଲେ। ହେଲମେଟ କାହିଁକି ପିନ୍ଧିନ ବୋଲି ପଚାରିବା ସହିତ ଉକ୍ତ ସାମ୍ବାଦିକଙ୍କ ଫଟୋ ଉତ୍ତୋଳନ କରିଥିଲେ। ଫଟୋ ଉଠାଇ ପଠାଇ ଦେଲେ ୨/୩ ହଜାର ଟଙ୍କା ଜୋରିମାନା ଦେବାକୁ ହେବ। ଏଣୁ ୨୦୦ ଟଙ୍କା ଦିଅ ଫଟୋ ଡିଲିଟ କରିଦେବି ବୋଲି ଯୁବକ ଜଣକ କହିଥିଲେ। ସାମ୍ବାଦିକ ଜଣକ ତାଙ୍କ ସହ କଥାବାର୍ତ୍ତା ହେବା ବେଳେ ଯୁବକ ଉତ୍ତ୍ୟକ୍ତ ହୋଇ ପଡିବା ସହ ଉଚ୍ଚସ୍ୱରରେ ପାଟି କରିଥିଲେ। ଏହି ସମୟରେ ସାମ୍ବାଦିକ ନିଜ ପରିଚୟ ଦେଇଥିଲେ। ଏଣୁ ଖାକି ପୋଷାକ ପିନ୍ଧି ବୁଲୁଥିବା ଯୁବକ ଧରାପଡିଯିବା ଭୟରେ ତୁରନ୍ତ ନିଜ ଗାଡି ଷ୍ଟାର୍ଟ କରି ଚାଲି ଯାଇଥିଲେ। ସାମ୍ବାଦିକ ଜଣକ ତାଙ୍କୁ ପିଛା କରି ପଚାରିବାରୁ ସେ ଟାଙ୍ଗୀ ଥାନାର କର୍ମଚାରୀ ବୋଲି କହିଥିବା ଜଣା ପଡିଛି। ଏହାପରେ ଉକ୍ତ ଯୁବକ ଜଣକ ଦ୍ରୁତ ଗତିରେ ଗାଡି ଚଳାଇବା ସହିତ କେଉଁଆଡେ ଉଭାନ ହୋଇ ଯାଇଥିଲେ। ସାମ୍ବାଦିକ ଏ ସଂକ୍ରାନ୍ତରେ କଟକ ଡିସିପି ପିନାକ ମିଶ୍ରଙ୍କୁ ଜଣାଇଛନ୍ତି। କଟକରେ ଏପରି ନକଲି ପୁଲିସ ବୁଲୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଡିସିପି ଶ୍ରୀ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଖୋଳତାଡ ଆରମ୍ଭ ହୋଇଛି। ସ୍ପେଶିଆଲ ସ୍କ୍ୱାର୍ଡର ଗୋଟିଏ ଟିମ୍ ଖୋଳତାଡ କରୁଥିବା ବେଳେ ରିଂ ରେଡ ଅଂଚଳରେ ଥିବା ବିଭିନ୍ନ ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି।

## ହୁସିଆର୍ !

# ୫୪ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବନ୍ଦ

**ଢେଙ୍କାନାଳ(ସଂପର୍କବାର୍ତ୍ତା):-** ନିର୍ଦ୍ଧାରିତ ସମୟ ଅନୁଯାୟୀ ସ୍କୁଲରେ ପହଂଚି ନଥିବାରୁ ଢେଙ୍କାନାଳ ଜିଲ୍ଲାର ୫୪ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି। ଏହି ଘଟଣା ଜଣାପଡିବା ପରେ ଶିକ୍ଷକ ଓ କର୍ମଚାରୀ ମହଲରେ ଛନକା ପଶିଯାଇଛି। ପ୍ରକାଶ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଏବଂ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହାୟକ ଗୋଷ୍ଠି ଶିକ୍ଷା କର୍ମଚାରୀ ମହଲରେ ଛନକା ପଶିଯାଇଛି। ପ୍ରକାଶ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଏବଂ ଜିଲାର ସମସ୍ତଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମିଳିତ ତତ୍ତ୍ୱାବଧାନରେ ବିଭିନ୍ନ ସ୍କୁଲରେ ଯାଂଚ କରାଯାଇଥିଲା ଗତ ୨୧ତାରିଖରେ ଯାଂଚ ବେଳେ ସକାଳ ୬ଟା ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ୪୧ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଣ ଶିକ୍ଷକ ସ୍କୁଲରେ ପହଂଚି ନଥିବା ଦେଖାଯାଇଥିଲେ ଫଳରେ ସେମାନଙ୍କ ଦରମା ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ସେହିପରି ସୋମବାର ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ବେଳେ ୧୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଠିକ୍ ସମୟରେ ପହଂଚି ନଥିବା ଜଣାପଡିଥିଲା ଫଳରେ ସେମାନଙ୍କ ଦରମା ବନ୍ଦ କରାଯିବା ସହିତ କିଛି ଅଣ ଶିକ୍ଷକ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଚଢାଉ ଫଳରେ ଅନ୍ୟ ବିଦ୍ୟାଳୟରେ କର୍ମଚାରୀମାନେ ସଚେତନ ହେବା ସହିତ ସକାଳ ୬ଟା ପୂର୍ବରୁ ଉପସ୍ଥିତ ରହି ପୂର୍ବବର୍ଷ ପାଠ୍ୟକ୍ରମର ଶିକ୍ଷା ସଂଶୋଧନ କାର୍ଯ୍ୟ କ୍ରମ ସଫଳ ରୂପାୟନ କରିପାରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

## ଭଲ ହୋଇଛି

# ଜଗନ୍ନାଥକୁ କାଠ ଦାନ କଲେ ସଂଖ୍ୟାଲଘୁ ଭକ୍ତ

**ଟାଙ୍ଗୀ(ସଂପର୍କବାର୍ତ୍ତା):-** ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ପାଖରେ ଥିବା ଖଜୁରୀପଡା ଗାଁର ତାଜୁଦ୍ଦିନ ଖାଁ ଓରଫ ଦୁଖା ଖାଁ ସଂଖ୍ୟାଲଘୁ ହେଲେ ମଧ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଏହି ସଂଖ୍ୟାଲଘୁ ଭକ୍ତ କାଠ ଦାନ କରିଛନ୍ତି। ସଂଖ୍ୟାଲଘୁ ହେଲେ ମନ ପୁରା ହିନ୍ଦୁ ଆଜି ଜଗନ୍ନାଥଙ୍କ ପାଇଁ କାଠ ଦାନ କରିଛି, ଦରକାର ପଡିଲେ ରକ୍ତ ମଧ ଦେଇଦେବି ବୋଲି ସେ କହିଛନ୍ତି। ଜଗନ୍ନାଥଙ୍କ ପାଇଁ ନିଜ ବାଡିରେ ଥିବା ଶିମିଳି ଗଛର କାଠ ଦାନ କରି ଦାନ କରି ନିଜକୁ ଗର୍ବ ଅଭୁବବ କରୁଛନ୍ତି ବୋଲି ଦୁଖା ଖାଁ କହିଛନ୍ତି। ଗତକାଲି ବନ ବିଭାଗ ପକ୍ଷରୁ କାଠ ସଂଗ୍ରହ କରାଯାଇଛି। ତାଜୁଦ୍ଦିନ୍ ଖାଁ କହନ୍ତି ଯେତେବେଳେ ତାଙ୍କ ବାପା ଜଲିଲ୍ ଖାଁ ବଂଚିଥିଲେ ସେତେବେଳେ ସେହି ଶିମିଳି ଗଛକୁ ହାଣିବା ପାଇଁ ମନା କରିଥିଲେ। କିନ୍ତୁ ଏହାର କାରଣ କିଛି କହି ନଥିଲେ। ହେଲେ ପୁଅ ବାପାଙ୍କ କଥା ବୁଝିପାରି ନଥିଲା ହେଲେ ଆଜି ଜାଣିଲେ ବାପା ଙ୍କର ସେଦିନର କଥା ଏହି ଗଛର କାଠ ଯେତେବେଳେ ଜଗନ୍ନାଥଙ୍କ କାମପାଇଁ ଯାଉଛି, ମୁଁ ଏବେ ଅନୁଭବ କରୁଛି ବାପାଙ୍କର ସେହି ପୁରୁଣା କଥା ବୋଲି ତାଜୁଦ୍ଦିନ କହିଛନ୍ତି। ଅନ୍ୟପଟେ ସେତେବେଳେ ଶ୍ୱଶୁର କହିଥିଲେ ଯେ ଏହି ଗଛକୁ କେହି ହଣାକଟା ନକରିବା ପାଇଁ ବୋଲି ତାଜୁଦ୍ଦିନ୍ ଖାଁଙ୍କ ସ୍ତ୍ରୀ ମଜମୁନ୍ ବିବି କହିଛନ୍ତି। ଆମେ ସଂଖ୍ୟାଲଘୁ ହୋଇପାରୁ , ହେଲେ ଯେତେବେଳେ ଆମର ସଂଖ୍ୟା ଲଘୁ ଭାଇର ଏକ ଗଛ ସ୍ୱୟଂ ଜଗତରନାଥ ଜଗନ୍ନାଥଙ୍କ କାମ ପାଇଁ ଯାଉଛି ସେଥିପାଇଁ ଆମେମାନେ ଗର୍ବିତ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।




# ଗଣିତ ଶିକ୍ଷକମାନେ ପାଇବେ ଉଚ୍ଚତର ତାଲିମ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ(ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସ)କୁ ଏକ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭାବରେ ଗଢିତୋଳିବାକୁ ଉଦ୍ୟମ ହେବ ବୋଲି ସରକାରୀ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ଆଜି ପ୍ରତିଷ୍ଠାନର ତ୍ରୟୋବିଂଶତମ ପ୍ରତିଷ୍ଠା ତଥା ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଏହି ମର୍ମରେ ଗଣିତ ଶିକ୍ଷାର ପ୍ରସାର, ଗବେଷଣା ଓ ଉଚ୍ଚତର ତାଲିମ ପାଇଁ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି।

ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଗଣିତ ଓ ପ୍ରୟୋଗ ପ୍ରିତଷ୍ଠାନ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭାବରେ ପ୍ରତିଷ୍ଠିତ ହୋଇପାରିଲେ ରାଜ୍ୟରେ ଗଣିତ, ପରିସଂଖ୍ୟାନ ଓ ଅର୍ଥନୀତି ବିଷୟରେ ଅଧିକ ଅଧ୍ୟୟନ ଓ ଗବେଷଣା ହୋଇପାରିବ। ରାଜ୍ୟରେ ୫-ଟି ରୂପାନ୍ତରଣରେ ସାମିଲ ସ୍କୁଲଗୁଡିକର ଗଣିତ ଶିକ୍ଷକମାନେ ଏହି ପ୍ରତିଷ୍ଠାନରେ ତାଲିମ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଦର୍ଶାଇବା ସହିତ 'ଇସ୍ରୋ'ର 'ସ୍ପେସ୍ ଅନ୍ ହୁଇଲ୍' କାର୍ଯ୍ୟକ୍ରମ ଏଠାରେ ଆୟୋଜନ କରାଯିବା କଥା ଉଲ୍ଲେଖ କରିଛନ୍ତି। ସେ ମଧ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଗଣିତ ଓ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ନିଆଯାଇଥିବା ସରକାରୀ ପଦକ୍ଷେପଗୁଡିକ ସଂପର୍କରେ ସୂଚନା ଦେଇଛନ୍ତି।

ଏହି ଉତ୍ସବରେ ମନ୍ତ୍ରୀ ଶ୍ରୀ ପଣ୍ଡା କାର୍ଯ୍ୟକ୍ରମର ଅତିଥି ପ୍ରଫେସର ଗୋକୁଳାନନ୍ଦ ଦାସ, ପ୍ରଫେସର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପ୍ରଫେସର ସାଧୀନ ପଟ୍ଟନାୟକ ଏବଂ ପ୍ରଫେସର ସୁଦର୍ଶନ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଗଣିତ ଶିକ୍ଷାର ତାତ୍ପର୍ଯ୍ୟ, ଭାରତୀୟ ବିଦ୍ୟାରେ ଗଣିତର ଭୂମିକା ଏବଂ ଆମ ଜୀବନଧାରାରେ ଗଣିତର ଉପଯୋଗ ସଂପର୍କରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀମାନଙ୍କୁ ଗଣିତ ଅଧ୍ୟୟରେ ଅଧିକ ଦକ୍ଷ ହେବା ପାଇଁ ପରାମର୍ଶ ଦେଇଥିଲେ।

## ୫-ଟି ସ୍କୁଲ



# ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁଙ୍କୁ ମାରିଦେବେ !

**କଟକ(ସଂପର୍କବାର୍ତ୍ତା):-** ନିଜ ନାମରେ ସାମାଜିକ ଗଣମାଧ୍ୟମରେ ହୋଇଥିବା ଆପତ୍ତିଜନକ ପୋଷ୍ଟକୁ ନେଇ ସମ୍ମାନହାନି ସହ ଜୀବନ ପ୍ରତି ବିପଦ ଥିବା ଆଶଙ୍କାକୁ ନେଇ କଟକ ମଧୁପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ। ଯେଉଁ ଯେଉଁ ଅଫିସରେ ଦୁର୍ନୀତି ହେଉଥିବା ବା କର୍ମଚାରୀମନେ ଦୁର୍ନୀତି କରୁଥିବାର ଖବର ଆସେ ସେଠାକୁ ଯାଇ ତଥ୍ୟ ସଂଗ୍ରହ କରିଥାନ୍ତି। ପରେ ସୂଚନା ଅଧିକାର ଆଇନ ମାମରେ ତଥ୍ୟ ମାଗିଥାନ୍ତି। ସୂଚନାଯୋଗ୍ୟ ଯେ ଗତ ସିଏମ୍‌ସି ନିର୍ବାଚନରେ ଶ୍ରୀ ସହୁଙ୍କ ପତ୍ନୀ ସାଧୀନ କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ବିଭିନ୍ନ ସମୟରେ ସରକାରୀ ସ୍ତରରେ ହେଉଥିବା ଦୁର୍ନୀତିକୁ ମଧ ସୂଚନା ଅଧିକାର ଆଇନ ମାଧ୍ୟମରେ ଶ୍ରୀ ସାହୁ ଲୋକ ଲୋଚନକୁ ଆଣିଥାନ୍ତି। କିଛି ଦିନ ତଳେ ସ୍ଥାନୀୟ କଲେଜଛକ ଅଂଚଳରେ କିଛି ଯୁବକ ଶ୍ରୀ ସାହୁଙ୍କୁ ବାହୁବଳୀ ନେତାଙ୍କ ସୁପାରିସରେ ଆକ୍ରମଣ କରିଥିଲେ।

ସେହିପରି ଗୁରୁବାର ଦିନ ଫେସବୁକରେ ବିଭୂ ପ୍ରସାଦ ରାଉତ ନାମରେ ଥିବା ଏକ ପ୍ରୋଫାଇଲରୁ ଜଣେ ବ୍ୟକ୍ତି ଶ୍ରୀ ସାହୁଙ୍କ ଫଟୋ ରଖି ଅଶ୍ଳୀଳ ଭାଷାରେ ଲେଖା ପୋଷ୍ଟ କରିବା ସହ କଲେଜ ଛକ ଅଂଚଳରେ ହୋଇଥିବା ଆକ୍ରମଣ ବିଷୟରେ ମଧ ଉଲ୍ଲେଖ କରିଛି। ଏହା ସହ ନିର୍ବାଚନରେ ୧୬ ଖଣ୍ଡ ଭୋଟ ପାଇ ହାରିବା, ଦାଦାବଟି ମାଗିବା ଭଳି ଅପ୍ରୀତିକର ପ୍ରସଙ୍ଗ ଶ୍ରୀ ସାହୁଙ୍କ ବିଷୟରେ ପୋଷ୍ଟ କରିଛି। ସାମାଜିକ ଗଣ ମାଧ୍ୟମରେ ଏଭଳି ପୋଷ୍ଟ ଦ୍ୱାରା ସମାଜରେ ନିଜର ଏବଂ ନିଜ ସ୍ତ୍ରୀଙ୍କ ସମ୍ମାନହାନୀ ହେବା ସହ ଜୀବନ ପ୍ରତି ବିପଦ ଆଶଙ୍କା ନେଇ ଶ୍ରୀ ସାହୁ ଗୁରୁବାର ଦିନ ସ୍ଥାନୀୟ ମଧୁପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ବ୍ୟକ୍ତିଙ୍କ ଫେସବୁକ ପ୍ରୋଫାଇଲରେ ନିଜେ ଜଣେ ଶାସକ ଦଳର ଛାତ୍ରନେତା ଥିବା ଲେଖା ରହିଛି। ଏଥିପ୍ରତି ପୁଲିସ କମିଶନର ଏବଂ କଟକ ଡିସିପି ଦୃଷ୍ଟି ଦେଇ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଦାବି ହେଉଛି।

## କଟକ ଡିସିପି ତୁରନ୍ତ ଦିଅନ୍ତୁ ଦୃଷ୍ଟି

# ୧୭ବର୍ଷ ଲିଭ-ଇନରେ ରହି ୫୪ବର୍ଷରେ ବିବାହ

**ମୁମ୍ବାଇ(ସଂପର୍କବାର୍ତ୍ତା):-** ବଲିଉଡର ପପୁଲାର ଫିଲ୍ମ ନିର୍ମାତା ହନସଲ ମେହେତା ଏବଂ ସଫିନା ହୁସେନ୍ ସେମାନେଙ୍କ ସମ୍ପର୍କକୁ ନେଇ ସବୁବେଳେ ଚର୍ଚ୍ଚରେ ରହିଥାନ୍ତି। ଦୀର୍ଘ ୧୭ବର୍ଷର ଧରି ଲିଭ୍ ଇନ୍ ରେ ରହିବା ପରେ ଦୁହେଁ ଏବେ ବିବାହ କରିଛନ୍ତି। ସୋସିଆଲ ମିଡିଆରେ ହନସଲ ମେହେତା ଫଟୋ ସେୟାର କରି ଏହି ଖବର ଦେଇଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ ହସନଲ୍ – ସଫିନା ଉଭୟ ଗତ ୧୭ବର୍ଷଧରି ଏକାଠି ରହୁଥିଲେ। ବର୍ତମାନ ଦୁହେଁ କୋର୍ଟରେ ସାଧାସିଧା ଭାବେ ବିବାହ କରିଛନ୍ତି। ଦୁହଁଙ୍କର ଦୁଇଟି ଝିଅ ଏବଂ ଦୁଇଟି ପୁଅ ଅଛି ସୋସିଆଲ ମିଡିଆରେ ଫଟୋ ସେୟାର କରି ହନସଲ କ୍ୟାପସନ୍ ରେ ଲେଖିଛନ୍ତି, ୧୭ବର୍ଷ ପରେ ନିଜ ପିଲାମାନେଙ୍କୁ ବଢୁଥିବାର ଦେଖିଛୁ ଏଥିପାଇଁ ଆମେ ଆମ ସପ୍ନକୁ ଫଲୋ କରି ବିବାହ କରବାକୁ ସ୍ଥିର କଲୁ ଜୀବନରେ ସବୁଥର ପରି , ଏହା ମଧ ହଠାତ୍ ଥିଲା ହେଲେ ଆମ ପ୍ରେମ ଓ ପ୍ରତିଜ୍ଞା ସତ୍ୟ ଥିଲା

ତେବେ ଫଟୋରେ ହନସଲ ଧଳା ଟି-ସାର୍ଟ ସହିତ ଏକ ବାଦାମୀ ରଙ୍ଗର ବ୍ଲେଜର ପିନ୍ଧିଥିବା ବେଳେ ସଫିନା ଗୋଲାପୀ ରଙ୍ଗର ସାଲଓାର ନଜର ଆସିଛନ୍ତି ଅନେକ ସେଲେବ୍ ଏହି ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଆଧୁନିକ ପ୍ରେମ। ଦୁହିଁଙ୍କ ବିବାହ ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।



# ବ୍ୟାଙ୍କରେ ଖାଲିପଡିଛି ସ୍ପେଶାଲିଷ୍ଟ ଅଫିସର ପଦବୀ

**କଟକ(ସଂପର୍କବାର୍ତ୍ତା):-** ବ୍ୟାଙ୍କିଂ କ୍ଷେତ୍ରରେ କ୍ୟାରିଅର କରିବା ପାଇଁ ଇଚ୍ଛୁକ ଥିବା ଯୁବପିଢିଙ୍କ ପାଇଁ ଖୁସି ଖବର। ଇଣ୍ଡିଆନ ବ୍ୟାଙ୍କରେ ସ୍ପେଶାଲିଷ୍ଟ ଅଫିସର ପଦବୀ ପାଇଁ ୩୦୦ପୋଷ୍ଟ ପିଡିଛି। ଆବେଦନ କରିବାର ପ୍ରକ୍ରୟା ଆରମ୍ଭ ହୋଇଛି। ଯେଗ୍ୟା ପ୍ରାର୍ଥୀ ୧୪ଜୁନ୍ ୨୦୨୨ଅନଲାଇନ ଆବେଦନ କରିପାରିବେ ନୋଟିଫିକେସନ ମୁତାବକ, ଏହି ଭର୍ତ୍ତି ପ୍ରକ୍ରିୟାରେ ଇଣ୍ଡିଆନ ବ୍ୟାଙ୍କ ସ୍ପେଶାଲିଷ୍ଟ ଅଫିସର ୩୧୨ପଦବୀ ଖାଲିପଡିଛି। ଏହି ଭର୍ତ୍ତି ପାଇଁ ପରୀକ୍ଷା ଆଇବିପିଏସ୍ ଏସ୍ ଦ୍ୱାରା କରାଯିବା ଯେଉଁ ପ୍ରାର୍ଥୀ ପରୀକ୍ଷା ପାସ୍ କରିବେ , ସେମାନଙ୍କୁ ବ୍ୟାଙ୍କରେ ନିଯୁକ୍ତି ମିଳିବ। ଆବେଦନ କରିବାର ଶେଷ ତାରିଖ ୧୪ଜୁନ, ୨୦୨୨ରହିଛି। ଅଫିସର ପଦବୀ ପାଇଁ ପ୍ରାର୍ଥୀ ଗ୍ରାଜୁଏଟ କିମ୍ବା ପୋଷ୍ଟ ଗ୍ରାଜୁଏଟ କରିଥିବା ଜରୁରୀ କିଛି ପଦବୀରେ ଆବେଦନ କରିବା ପାଇଁ ପ୍ରାର୍ଥୀଙ୍କ ପାଖରେ ସମ୍ବନ୍ଧିତ ଟ୍ରେଡରେ ପ୍ରଫେସନାଲ ଡିଗ୍ରୀ ହେବା ଜୁରରୀ ଆବେଦନକାରୀଙ୍କ ବୟସ ସର୍ବନିମ୍ନ ୧୮ବର୍ଷରହିଥିବା ଜରୁରୀ ଏହାଛଡା ପଦବୀ ଅନୁସାରେ ବୟସ ସୀମା ଅଲଗା ଅଲଗା ନିର୍ଦ୍ଧାରିତ କରାଯାଇଛି। ଅଧିକ ଜାଣିବା ପାଇଁ ଆଇବିପିଏସର ଅଧିକାରକ ଠେଫ୍ସବାସାଇଟ୍ କୁ ନୋଟିଫିକେସନ୍ କରିପାରିବେ।

# "ବଟଶ୍ରୀକ୍ଷେତ୍ରର ଚନ୍ଦନଯାତ୍ରା ଉଦଯାପିତ"

## ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣେଇନେବା ହିଁ ଶ୍ରେୟ ଅଟେ: ପ୍ରଫେସର ଅକ୍ଷୟ ମିଶ୍ର

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ବଟଶ୍ରୀକ୍ଷେତ୍ରରେ ୨୧ ଦିନ ବ୍ୟାପି ଚାଲିଥିବା ଚନ୍ଦନଯାତ୍ରା ତଥା ବାର୍ଷିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇ ଯାଇଛି। ଶେଷଦିନର ସାନ୍ଧ୍ୟ କାର୍ଯ୍ୟକ୍ରମରେ ଏକ ଆଧାତ୍ମିକ ସଭା ବଟଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଡ. ଅଭୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଇଟେକ୍ ମେଡିକାଲ୍ କଲେଜର ପ୍ରଫେସର ଅକ୍ଷୟ ମିଶ୍ର କହିଲେ ଯେ ପାଶ୍ଚାତ୍ୟ ସଂସ୍କୃତିକୁ ପରିହାର କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣେଇ ନେଲେ ଅବକ୍ଷୟମୁଖୀ ସମାଜର ପରିବର୍ତ୍ତନ ଅବଶ୍ୟ ହେବ, ଏହାହିଁ ଶ୍ରେୟ ଅଟେ ଆମେ ସେଥିପ୍ରତି ପ୍ରୟାସୀ ହେବା ବାଂଛନୀୟ। ମୁଖ୍ୟବକ୍ତା ଭାବେ ଯୋଗଦେଇ ନବକାକଳିର ମୁଖ୍ୟ ସଂପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ କହିଲେ ଯେ ମାନବ ଜୀବନର ମୂଲ୍ୟ ସେତିକିବେଳେ ବୁଝିହୁଏ ଯେତେବେଳେ ସେ ନିଜକୁ ମହାପ୍ରଭୁଙ୍କ ସଂଗେ ଯୋଡିଦିଏ। ସମସ୍ତଙ୍କୁ ଭଲ ପାଇବା, ସକଳ ଘଟରେ ମହାପ୍ରଭୁଙ୍କ ସତ୍ତାକୁ




ଅନୁଭବ କରି ପାରିଲେ ମାନବ ଜୀବନ ଧନ୍ୟ ହେବବୋଲି ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଶ୍ରୀ ସୁଧିର ସାହାଣୀ ମତବ୍ୟକ୍ତ କରିଥିଲେ।
କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଚାଷରୁ ଉର୍ଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ସହସ୍ରନାମ ପାଠ କରାଯାଇଥିଲା ଯାହାକୁ ପରିଚାଳିତ କରିଥିଲେ ଷ୍ଟେଟବ୍ୟାଙ୍କର ପ୍ରାକ୍ତନ ମୁଖ୍ୟ ପ୍ରବନ୍ଧକ ଶ୍ରୀଯୁକ୍ତ ମୁରଲିଧର ପଲାଇ ଏବଂ ଶ୍ରୀମତୀ କ୍ରିଷ୍ଣା ପଲାଇ। ଏହି ଅବସରରେ ପଣ୍ଡିତ ରମେଶ ଚନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରା ସଂକଳିତ 'ଶ୍ରୀ ଶ୍ରୀ ଚତୁର୍ଦ୍ଧାମୂର୍ତ୍ତି ସହସ୍ରନାମ ସ୍ତୋତ୍ରମ୍ ଓ ସହସ୍ରାନାମାବଳୀ'ର ଦ୍ୱିତୀୟ ସଂସ୍କରଣ ଏବଂ 'ନିର୍ମାଲ୍ୟ' ପତ୍ରିକାର ବାର୍ଷିକ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍ସବରେ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିଲେ ଶ୍ରୀଯୁକ୍ତ ସଞ୍ଜମ କିଶୋର ମହାନ୍ତି ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ନିର୍ମାଲ୍ୟର ମୁଖ୍ୟ ସଂପାଦକ ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ନାୟକ। ଏହି ପାବନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବଟଶ୍ରୀକ୍ଷେତ୍ରର 'ଡିଗିନରେନ୍ଦ୍ର'ରେ ମହାପ୍ରଭୁଙ୍କ 'ଭଉଁରୀ' ଯାହା ଚନ୍ଦନଯାତ୍ରାର ଶେଷ ପାହାଚ। ଏହାକୁ ସମସ୍ତେ ହୃଦୟଭରି ଉପଭୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ 'ସୀତାରାମ ସଂଗୀତ ମଣ୍ଡଳୀ' ଦ୍ୱାରା ଭଜନ ପରିବେଶଣ କରାଯାଇଥିଲା। ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଭକ୍ତଙ୍କପାଇଁ ମହାପ୍ରସାଦ ତଥା ଦହି ପଖାଳର ବ୍ୟବସ୍ଥା କରାଯାଇଥିଲା।

# ଦି ବ୍ରେନ୍ ଫାଉଣ୍ଡେସନ୍ ତରଫରୁ ବିଶ୍ୱ ସ୍କିଜୋଫ୍ରେନିୟା ଦିବସ ପାଳିତ

**କଟକ(ସଂପର୍କବାର୍ତ୍ତା):-** 'ବିଶ୍ୱ ସ୍କିଜୋଫ୍ରେନିୟା ଦିବସ' ପାଳନ ଅବସରରେ କଟକ ତେଲେଙ୍ଗାବଜାର ସ୍ଥିତ ସ୍ୱାସ୍ଥ୍ୟଭିତ୍ତିକ ସମାଜ ସେବା ସଙ୍ଗଠନ 'ଦି ବ୍ରେନ୍ ଫାଉଣ୍ଡେସନ୍' ଆନୁକୂଲ୍ୟରେ ଟ୍ରଷ୍ଟର ସମ୍ମିଳନୀ କକ୍ଷରେ ମ୍ୟାନେଜିଂ ଟ୍ରଷ୍ଟି ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି




ରୋଗ ସାଧାରଣତଃ ବ୍ୟକ୍ତିର ବ୍ୟବହାର ଓ ଚିନ୍ତା କରିବାର ଶକ୍ତି ମୁଖ୍ୟତଃ ପ୍ରଭାବିତ ହୋଇଥାଏ । ଏହା ସାଧାରଣତଃ ୧୫-୩୫ ବର୍ଷର ଲୋକମାନଙ୍କୁ ଆକ୍ରାନ୍ତ କରିଥାଏ । ଏକ ସର୍ଭେକ୍ଷଣରୁ ଜଣାଯାଇଛି ପ୍ରତି ୧୦୦ ଜଣରେ ଜଣେ ହେଉଛନ୍ତି ସଂକ୍ରମିତ । ଏହି ରୋଗ ଦେଖାଗଲେ ପରିବାରବର୍ଗ ରୋଗୀକୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ଜରୁରୀ ବୋଲି ଡାକ୍ତର ସମ୍ରାଟ କର ଉଦ୍‌ବୋଧନ ଦେଇଥିଲେ। ଏହି ରୋଗକୁ ସମାଜରୁ ଲୋପ କରିବା ପାଇଁ ଔଷଧ ବ୍ୟତୀତ କାଉନ୍‌ସେଲିଂ ଓ ପରିବାରର ସହଯୋଗ ନିତ୍ୟାନ୍ତ ଜରୁରୀ। ଆଉ ମଧ ଉଲ୍ଲେଖ କରାଯାଉଛି ଯେ, ସ୍କିଜୋଫ୍ରେନିଆ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଉଛି । ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସମ୍ପିତ କର ଉଦ୍‌ବୋଧନ ଦେଇ କହିଲେ ଯେ, ସ୍କିଜୋଫ୍ରେନିଆ ରୋଗରେ ପୀଡ଼ିତ ବ୍ୟକ୍ତି ହଠାତ୍ କିଛି ବି କରିଦେଇପାରେ। ତାଙ୍କ ପାଇଁ ଆଇନରେ ସ୍ୱତନ୍ତ୍ର ସୁରକ୍ଷା ପାଇଁ ନିୟମ ରହିଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସଂପାଦକ ରାଧାମୋହନ ସାହୁ ପରିଚାଳନା କରିଥିବାବେଳେ ରଶ୍ମିରଂଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ବ୍ରଜ ବେହେରା, ମିହିର ସାଇଁ, ବାସୁଦେବ ସାହୁ, ବେଣୁଧର ବେହେରା, ସୁକାନ୍ତି ଲେଙ୍କା, ସତ୍ୟ ପ୍ରକାଶ କର, ବିକ୍ରମ ମଲ୍ଲିକ, ତୃପ୍ତି ଭଦ୍ରା, ଅତସ କୁମାର ସିଲ୍, ବଳରାମ ପ୍ରଧାନ, ବାବୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ରାଜଭବନରେ ସଫଳ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡ଼ିଶା ହେଉଛି ପ୍ରତିଭାଙ୍କ ଖଣି। ପ୍ରତିଭାର ପ୍ରକାଶ ଓ ବିକାଶ ପାଇଁ ଓଡ଼ିଶା ଏକ ଉର୍ବର ଭୂମି। ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ ପାଇଁ ଓଡ଼ିଶାର ବିପୁଳ ସାମର୍ଥ ରହିଛି। ଏହାର ସଫଳ ଉପଯୋଗ ପୃଥିବୀ ପାଇଁ ମଙ୍ଗଳକର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି।

ଗତ ୨୩ ତାରିଖ ଦିନ ରାଜଭବନରେ ଆୟୋଜିତ କିଛି ସଫଳ ବ୍ୟକ୍ତିବିଶେଷଙ୍କ ସହିତ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରିବା ହିଁ ଈଶ୍ୱର ଆରାଧନା। ନିଜର କର୍ମ ମାଧମରେ ଅନ୍ୟର କିଛି




ଉପକାର କରିପାରିଲେ ଓ ଅନ୍ୟର ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଅଛି ଜୀବନର ସାର୍ଥକତା।

ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅବିନାଶ ମିଶ୍ର ଓ ଚିନ୍ମୟ ଦାସ, ନୂଆ ବାସ୍ନା ଧାନର ଉଦ୍ଭାବକ କାଦମ୍ବିନୀ ବେହେରା, ଚିତ୍ରଶିଳ୍ପୀ ଶ୍ୱେତପଦ୍ମା ମିଶ୍ର, ଗୋସେବକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, 'ଆସ ପଢେଇବା'ର ଆବାହକ ପ୍ରତ୍ୟୟ ପ୍ରଶାନ୍ତ, ଓଡ଼ିଶାରେ ଗୋଷ୍ଠୀ ରେଡିଓର ପ୍ରସାରକ ଏନ୍.ଏ. ଶାହା ଆନସାରୀ, ସଂସ୍କୃତି ପ୍ରଚାରକ ଶ୍ୟାମ ପ୍ରକାଶ ସେନାପତି, ଖବରକାଗଜ ସଂଗ୍ରାହକ ଶଶାଙ୍କ ଶେଖର ଦାଶ, 'ପଥେ ପାଠଶାଳା'ର ପ୍ରତିଷ୍ଠାତା ବଳରାମ ସାହୁ ନିଜ ଜୀବନଯାତ୍ରା, ଅନୁଭବ ଓ ଉପଲବ୍ଧି ସଂପର୍କରେ କହିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାସ୍ୱତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଧାନସଭାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧଦିବସ ପାଳିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ବିଧାନସଭା ପରିସରରେ ଓଡ଼ିଶାର ବରପୁତ୍ର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଜଗପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ଗତ ୨୫ ତାରିଖ ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଓଡ଼ିଶା ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂହ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସାଧାରଣ ଉଦ୍ୟୋଗ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ(ଗବେଷଣା) କୃପାସିନ୍ଧୁ ମିଶ୍ର ପ୍ରମୁଖ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ପାରଳା ମହାରାଜାଙ୍କ ଅବଦାନ ଅତୁଳନୀୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ ଜଣେ ମୁଖ୍ୟ ପୁରୋଧା ଥିଲେ। ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ପାଇଁ ସେ ଅନେକ ଉତ୍ତମ ପଦକ୍ଷେପ ଗ୍ରହଣ କରିଥିଲେ। ରାଜାଙ୍କ ଜନ୍ମ ପ୍ରଜାମାନଙ୍କ ସେବା ପାଇଁ ବୋଲି ସେ କହୁଥିଲେ। ଏହି ବାକ୍ୟରୁ ସେ ଜଣେ ଅତ୍ୟନ୍ତ ପ୍ରଜାବତ୍ସଳ ରାଜା ଥିଲେ ବୋଲି ସ୍ପଷ୍ଟ ପ୍ରମାଣିତ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଉପନିର୍ଦ୍ଦେଶକ(ଗବେଷଣା)



ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ପାରଳା ମହାରାଜାଙ୍କ ଜୀବନୀ ଉପରେ ପର୍ଯ୍ୟବେକ୍ଷିତ ସୁମଧୁର ସଂଗୀତ ପରିବେଷଣ କରିଥିଲେ।

# ଜଗତସିଂହପୁରରେ ପ୍ରାଣୀ ସଂପଦ ବିଭାଗ ପ୍ରଶଂସନୀୟ

**ଜଗତସିଂହପୁର(ପବିତ୍ର କୁମାର ଦାଶ):–** ଗତ କିଛି ଦିନ ଧରି ପଟସରା ପଂଚାୟତ ଅରଣା ଗ୍ରାମ ଓ ଜଗତସିଂହପୁର ସହର ଅଂଚଳରେ ଏକ ବୁଲା ଷଣ୍ଢ ଅନେକ ଲୋକଙ୍କୁ ଆହତ କରିବା ସହିତ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରିଥିଲା। ଏ ନେଇ ଅରଣା ଗ୍ରାମର ଅଭିମନ୍ୟୁ ନାୟକଙ୍କ ସହିତ ଏହି ଗ୍ରାମର ଗ୍ରାମବାସୀ ବୃନ୍ଦ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଆକାରରେ ଅବଗତ କରାଇଥିଲେ। ସେହି ଦିନଠାରୁ ଯୁଦ୍ଧ କାଳୀନ ଭିତିରେ ପ୍ରାଣୀସଂପଦ ବିକାଶ ବିଭାଗର କର୍ମକର୍ତ୍ତା ଏବଂ Animal Help Line ଓ People for Animalର ମିଳିତ ଅଭିଯାନରେ ଏହି ଷଣ୍ଢଟିକୁ ଆୟତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିଲା ଗଠନ କରାଯାଇଥିବା ଟିମ୍‌ର ଅନୁଧ୍ୟାନରେ ଏହି ଷଣ୍ଢଟି ସୁସ୍ଥ ଥିବାର ପରିଲକ୍ଷିତ କରିଥିଲେ। ଇତି ମଧ୍ୟରେ ଜୟବଡ ଗ୍ରାମର ଏକ ବୃଦ୍ଧ ଲୋକ ଧର୍ମାନନ୍ଦ ସାହୁ ଏହି ଷଣ୍ଢ ଦ୍ୱାରା ଗୁରୁତର ଆହାତ ହୋଇ ମୃତ୍ୟୁ ବରଣ କରିଥିଲେ ଏବଂ ବହୁତ ଲୋକ ଆହତ ହୋଇଥିଲେ। ଗତ ମଙ୍ଗଳବାର ଦିନ କଲେକ୍ଟର ଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଶ୍ରୀମତି ପାରୁଲ୍ ପଟାଓ୍ୱରୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ବେଳେ ଜୟବଡ ଗ୍ରାମର ଜଣେ ବୟୋବୃଦ୍ଧ ଲୋକ ପ୍ରସନ୍ନ ନାୟକ ହାଜର ହୋଇ ଏ ନେଇ ଅଭିଯୋଗ କରିବା ପରେ ଜିଲ୍ଲାପାଳ ସି.ଡି.ଭି.ଓଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାପରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡାଃ. ବୀରକିଶୋର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉକ୍ତ ଉତ୍ପାତ ସୃଷ୍ଟି କରୁଥିବା ଷଣ୍ଢଟିକୁ କାବୁ କରି ଆୟତ କରିବାରେ ସକ୍ଷମ ହୋଇଥିଲେ। ଏହି ଟିମ୍ ରେ ଏ.ଡି.ଭି.ଓ (ଜାବମଙ୍ଗଳ) ଡାଃ. ଯଦୁନାଥ ପରିଡା, People for Animalର ସଂପାଦକ ଅମୂଲ୍ୟ ନାୟକ ଏବଂ Animal Help Line ର କର୍ମକର୍ତ୍ତା ଙ୍କ ସକ୍ରିୟ ଅଂଶ ଗ୍ରହଣ କରି ଏହି ଉପଦ୍ରବ କରୁଥିବା ମାରଣା ଷଣ୍ଢଟିକୁ ଅତି କୌଶଳତାର ସହିତ ଧରି ଭୁବନେଶ୍ୱର ସ୍ଥିତ ଗୋଶାଳାକୁ ସ୍ଥାନାନ୍ତିକରଣ କରିଛନ୍ତି ଯାହା ଫଳରେ ଏହି ଷଣ୍ଢ ଉତ୍ପାତରେ ଆତଂକିତ ହେଉଥିବା ଜୟବଡବାସୀ ସମେତ ଜଗତସଂହପୁର ସହରବାସୀ ଏବଂ ଅରଣା ଗ୍ରାମର ଗ୍ରାମବାସୀ ନିଜକୁ ସୁରକ୍ଷିତ ମନେକରିବା ସହିତ ଆସ୍ୱସ୍ତି ବୋଧ ଲାଭ କରିଛନ୍ତି। ଏଥି ସହିତ ପ୍ରାଣୀ ସଂପଦ ବିକାଶ ବିଭାଗର କର୍ମକର୍ତ୍ତାଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଫଳରେ ଯୋଗୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଛନ୍ତି।

# ଅଧିକ ରସୁଣ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସ୍ୱାସ୍ଥ୍ୟ ଟିପ୍ସ; ଆମ ରୋଷେଇ ଘରେ ଏପରି ଅନେକ ଖାଦ୍ୟ ସାମଗ୍ରୀ ଅଛି ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବିବେଚନା କରାଯାଏ ସେଥିମଧ୍ୟରୁ ଗୋଟିଏ ହେଉଛି ରସୁଣ ଏହାର ମହକ କେବଳ ଆପଣଙ୍କ ଖାଦ୍ୟରେ ସୁଗନ୍ଧ ଯୋଗାଏ ନାହିଁ ବରଂ ଏହା ଆପଣ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଲାଭଦାୟକ ଅଟେ । ଅନ୍ୟ ପଟେ , ରସୁଣରେ କ୍ୟାଲସିୟମ୍ କପର , ପୋଟାସିୟମ , ଫସଫରସ୍, ଆଇରନ୍ ଏବଂ ଭିଟାମିନ୍ ବି



୧ଭଳି ଅନେକ ପୋଷକ ତତ୍ତ୍ୱ ଭରପୂର ଥାଏ । କିନ୍ତୁ କୁହାଯାଏ ଯେ , ସବୁ ଜିନିଷର ଅତ୍ୟଧିକ ମାତ୍ରା ଖରାପ ହୋଇଥାଏ ସେହିଭଳି ରସୁଣର ଆବଶ୍ୟକତାଠାରୁ ଅଧିକ ବ୍ୟବହାର ମଧ ଖରାପ ହୋଇଥାଏ। ଯଦିଓ ରସୁଣ ଗୁଣର ଏକ ଭଣ୍ଡାର ଅଟେ , କିନ୍ତୁ ଏହାର ଅଧିକ ଖାଇବା ଦ୍ୱାରା ଅନେକ ସ୍ୱାସ୍ୟ ସମସ୍ୟା ଦେଖାଦେଇଥାଏ ରସୁଣ ଖାଇବାର ଅସୁବିଧା କଣ ଆସନ୍ତୁ ଜାଣିବା ମୁହଁରେ ଦୁର୍ଗନ୍ଧ- ରସୁଣର ଅତ୍ୟଧିକ ବ୍ୟବହାର ହେତୁ ସମସ୍ତଙ୍କର ଗୋଟିଏ ସମସ୍ୟା ହେଉଛି ମୁହଁରେ ଦୁର୍ଗନ୍ଧ ଆସିବା ରସୁଣର ଏକ କଡା ଗନ୍ଧ ଅଛି ଏବଂ ଏପରି ପରିସ୍ଥିତିରେ , ଯଦି ଆପଣଏହାକୁ ଅଧିକ ଖାଆନ୍ତି ତେବେ ଏହା ଆପଣଙ୍କ ପାଟିରୁ ଏକ ଦୁର୍ଗନ୍ଧ ଦେବ। ହୃଦଘାତର ଏକ ସମସ୍ୟା ହୋଇପାରେ –ରସୁଣ କୁ ଅଧିକ ଖାଇବାର ଦ୍ୱାରା ହୃଦଘାତ ସମସ୍ୟା ସୃଷ୍ଟି ହୋଇପାରେ ରସୁଣରେ ଏସିଡ୍ ଥାଏ ଏବଂ ସେଥିପାଇଁ ଏହା ଅଧିକ ମାତ୍ରାରେ ଖାଇଲେ ଏହା ହୃଦଘାତରେ କାରଣ ହୋଇପାରେ ଅନ୍ୟ ପଟେ ଯଦି କାହାର ଅମ୍ଳତା ସମସ୍ୟା ଥାଏ ତେବେ ଆପଣ ସୀମିତ ପରିମାଣରେ ରସୁଣ ଖାଇବା ଉଚିତ୍ ନିମ୍ନ ରକ୍ତଚାପ ହୋଇପାରେ -ଯଦି ଆପଣ ସେହି ଲୋକମାନଙ୍କ ମଧ୍ୟରୁ ଜଣେ , ଯେଉଁମାନଙ୍କର ନିମ୍ନ ରକ୍ତଚାପ ଆପଣ ଅଧିକ ରସୁଣ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।

# ଜୁନରେ ୭ ହଜାର ଶିକ୍ଷକ ଓ ୨୬୮ ଅଧ୍ୟାପକଙ୍କ ନିଯୁକ୍ତି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକର ୫-ଟି ରୂପାନ୍ତର କାର୍ଯ୍ୟକ୍ରମରେ ରୂପାନ୍ତରଣ ସହିତ ଶିକ୍ଷକ ନିଯୁକ୍ତି ପାଇଁ ମଧ ପଦକ୍ଷେପ ନିଆଯାଇଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷାର ବିକାଶ ଉପରେ ପ୍ରାଧନ୍ୟଦେ ସହ ଖୁବ୍ ଶିଘ୍ରୀ ରାଜ୍ୟର ବିଦ୍ୟାଳୟ ଗୁଡିକରେ ଖାଲିଥିବା ଶିକ୍ଷକ ଖାଲିଥିବା ପଦବୀ ଖୁବ୍ ଶିଘ୍ର ପୁରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ପାଇଁ ପର୍ଯ୍ୟାୟ କ୍ରମେ ରାଜ୍ୟରେ ଶିକ୍ଷକ ପଦବୀ ପୂରଣ କରାଯାଉଛି । ଗତ ଡିସେମ୍ବରରେ ଏକାଥରେ ୬ହଜାର ୧୩୧ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଥିବା ବେଳେ ଆଗାମୀ ମାସ ଜୁନରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ




କ୍ରିୟାଶୀଳ କରିବା ପାଇଁ ଆଉ ୭୦୦୦ଶିକ୍ଷକ ନିଯୁକ୍ତି ହେବେ। ଏନେଇ ଗତକାଲି ଅପରାହ୍ନରେ ବିଧାନସଭା ସଚିବାଳୟ ପରିସରରେ ବିଧାୟକ ଭୂପିନ୍ଦର ସିଂହଙ୍କ ଅଧକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା , ଉଚ୍ଚଶିକ୍ଷା , କ୍ରୀଡା ଓ ଯୁବସେବା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିବା ଜଣାପଡିଛି ଶିକ୍ଷାର ସାମଗ୍ରିକ ବିକାଶ ଉପରେ ରାଜ୍ୟ ସରକାର ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୭୦୦୦ଶିକ୍ଷକଙ୍କ ଆବଶ୍ୟକ ଥିଲା ଆସନ୍ତା ଜୁନ ମାସ ମଧ୍ୟରେ ସେମାନଙ୍କୁ ନିଯୁକ୍ତି କରିବାକୁ ସରକାର ନେଇଛନ୍ତି ବୋଲି ଅଧକ୍ଷ ଶ୍ରୀ ସିଂହ ପ୍ରକାଶ କରିଛନ୍ତ। ରାଜ୍ୟ ସରକାର ଗତକିଛି ଦିନ ତଳେ ୨୪ଟି ମାଧ୍ୟମିକ ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରିଥିବାବେଳେ ୬୩୯ଜଣ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ଏଥି ସହିତ ଆଗାମୀ ଜୁନ ମାସରେ ୨୬୮ଜଣ ରାଜନୀତି ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କମିଟି ସମ୍ପୃକ୍ତ ବିଭାଗ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଏହା ସହିତ ବରିଷ୍ଠ ବିଧାୟିକା ଉଷାଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମହିଳା ଓ ଶିଶୁ ବିକାଶ ବିଭାଗ ଗୃହକମିଟି ବୈଠକରେ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି।

# ଭେଣ୍ଡି ଖାଇବା ପରେ ଖାଆନ୍ତୁନି ଏହି ସବୁ ଖାଦ୍ୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭିଟାମିନ୍ କ୍ୟାଲସିୟମ୍, ଫସ୍‌ଫରସ୍ ଓ ଅନ୍ୟ ପୋଷକତତ୍ତ୍ୱରେ ଭରପୂର ଭେଣ୍ଡି ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକାରକ । ଏମିତି କିଛି ଖାଦ୍ୟ ଅଛି, ଯାହାକୁ ଭେଣ୍ଡି ଖାଇବା ଉଚିତ ନୁହେଁ। ନଚେତ୍ ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ ସେହିସବୁ ଖାଦ୍ୟ ହେଉଛି ଭେଣ୍ଡି ଖାଇବା ପରେ କଲରା ଖାଇବା ଅନୁଚିତ ଏଭଳି କରିବା ଦ୍ୱାରା ପେଟରେ ଗ୍ୟାସ୍ ସମସ୍ୟା ସୃଷ୍ଟିହୁଏ। ଭେଣ୍ଡି ଓ ମୂଳାକୁ ଏକାସାଙ୍ଗରେ ଖାଆନ୍ତି ନାହିଁ ଏହାଦ୍ୱାରା ତ୍ୱଚାଜନିତ ଅନେକ ରୋଗ ଦେଖାଦେଇଥାଏ। ଭେଣ୍ଡି ସହିତ ଆଳୁ ଖାଇବା ଦ୍ୱାରା କୋଷ୍ଟ୍ରେଲ୍ ସ୍ତର୍ ବଢିଯାଏ ଯାହା ହୃଦ୍‌ରୋଗର ଆଶଙ୍କାକୁ ବଢାଇଦିଏ। ଭେଣ୍ଡି ସହିତ କାକୁଡି ଖାଇବା ଦ୍ୱାରା ପେଟ ଓ ତ୍ୱଚାଜନିତ ରୋଗ ଦେଖାଯାଏ।



# ଡାଇବେଟିସ୍ ଫଳ ଖାଇବା ଅନୁଚିତ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମଧୁମେହ ରୋଗୀଙ୍କ ପାଇଁ ସବୁ ଫଳ ଲାଭଦାୟକ ନୁହେଁ । ମଧୁମେହ ରୋଗୀଙ୍କୁ କିଛି ଫଳଠାରୁ ଦୁରେଇ ରହିବା ଉଚିତ। ଏପରି କିଛି ଫଳ ଅଛି ଯାହା ଖାଇବା ଦ୍ୱାରା ମଧୁମେହ ରୋଗୀଙ୍କଠାରୁ ରକ୍ତ ଶର୍କରା ବଢିଥାଏ। ଯାହା ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଆସନ୍ତୁ ଜାଣିବା ମଧୁମେହ ରୋଗୀ କେଉଁ କେଉଁ ଫଳ ଖାଇବା ଅନୁଚିତ
ଅଙ୍ଗୁର ; ମଧୁମେହ ରୋଗୀଙ୍କ ପାଇଁ ଅଙ୍ଗୁର ଅତ୍ୟନ୍ତ କ୍ଷତିକାରକ ହୋଇଥାଏ। ଅଙ୍ଗୁରରେ ପ୍ରଚୁତ ପରିମାଣରେ ଭିଟାମିନ୍ ସି ରହିଥାଏ ଯାହା ମଧୁମେହ ରୋଗୀଙ୍କ ପାଇଁ ଉପକାରୀ ବୋଲି କୁହାଯାଏ। କିନ୍ତୁ ଏହା ସତ୍ତ୍ୱ ମଧୁମେହ ରୋଗୀ ଅଙ୍ଗୁର ଖାଇବା



ଅନୁଚିତ। ଅଙ୍ଗୁରରେ ଥିବା ଶର୍କରା ମଧୁମେହ ରୋଗୀଙ୍କ ସମସ୍ୟା ବଢାଇପାରେ ତେଣୁ ଏହି ଫଳଠାରୁ ଦୂରତା ରଖିବା ଉଚିତ
କଦଳୀ ; ମଧୁମେହ ରୋଗୀ କଦଳୀ ଖାଇବା ଉଚିତ ନୁହେଁ। ଏଥିରେ କାର୍ବସ୍ ଏବଂ ଶର୍କରା ପରିମାଣ ଅଧିକ ଥାଏ ଫଳରେ ରକ୍ତରେ ଶର୍କରା ବୃଦ୍ଧି ପାଇବାର ଆଶଙ୍କା ଥାଏ। ଏଭଳି ସ୍ଥିତିରେ ମଧୁମେହ ରୋଗୀଙ୍କୁ ଏହି ଫଳଠାରୁ ଦୂରେଇ ରହିବା ଉଚିତ ନଚେତ୍ ମଧୁମେହ ସମସ୍ୟା ବଢିପାରେ।
ଅଞ୍ଜିର ; ଅଞ୍ଜିର ଖାଇବା ମଧୁମେହ ରୋଗୀଙ୍କ ପାଇଁ ବିପଜ୍ଜନକ ହୋଇଥାଏ। ଅଞ୍ଜିରରେ କାର୍ବସ୍ ଏବଂ ଶର୍କରାର ମାତ୍ରା ଅଧିକ ଥାଏ। ଏମିତିରେ ଏହାକୁ ଖାଇବା ଦ୍ୱାରା ମଧୁମେହରୋଗୀଙ୍କ ରକ୍ତରେ ଶର୍କରା ବଢିପାରେ । ତେବେ ଏହି ସବୁ ଫଳଠାରୁ ମଧୁମେହ ରେଗୀଙ୍କୁ ଦୂରେଇ ରହିବାକୁ ପଡିବ, ନଚେତ ଲାଭ ବଦଳରେ କ୍ଷତି ହୋଇପାରେ ଯଦି ସମ୍ଭବ ତେବେ ଡାକ୍ତରଙ୍କଠାରୁ କିଛି ଫଳର ତାଲିକା ଆଣି ସେହି ଫଳ ନିଜ ଖାଦ୍ୟରେ ସାମିଲ କରିପାରିବେ ଫଳରେ କୌଣସି ପ୍ରକାରର ବିପଦ ରହିବନାହିଁ ମଧୁମେହ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ରହିବେ।

# କନ୍ଦରପୁର କଲେଜରେ ଉଚ୍ଚଶିକ୍ଷା ବିଭାଗର ତନାଘନା

**କଟକ(ତପନ ମହାନ୍ତି):-** କନ୍ଦରପୁର କଲେଜରେ ଅନିୟମିତତା ନେଇ ଜଣେ ପୁରାତନ ଛାତ୍ର ରାଜ୍ୟ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କଲା ପରେ ତନାଘନା ଆରମ୍ଭ ହୋଇଛି । ଏହି କଲେଜର ପୁରାତନ ଛାତ୍ର, କନ୍ଦରପୁର ଗ୍ରାମର ଶରତ କୁମାର ଜେନା ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର କଟକ ଶାଖାରେ ଏକ ଅଭିଯୋଗପତ୍ର ଦାଖଲ କରି ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ । ଭିଜିଲାନ୍ସ ବିଭାଗ ଏହାକୁ ଗୁରୁତର ଭାବେ ଗ୍ରହଣ କରିଛି । କଟକ ଭିଜିଲାନ୍ସ ଏସପି ଏକ ପତ୍ର ମାଧ୍ୟମରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରାଇବା ସହ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜଣାଇଛନ୍ତି । ଏହିକ୍ରମରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ କନ୍ଦରପୁର କଲେଜ ଆସି ତଦନ୍ତ କରି ଫେରିଯାଇଛନ୍ତି।

ହସ୍ତଗତ ହୋଇଥିବା ଅଭିଯୋଗପତ୍ରରେ କଲେ ଅଧ୍ୟକ୍ଷ ସାରଦା ପ୍ରସନ୍ନ ମହାପାତ୍ରଙ୍କ ବିରୁଦ୍ଧରେ ୧୧ଟି ଅଭିଯୋଗ ଦର୍ଶାଯାଇଛି । ଚୁକ୍ତିଭିତ୍ତିକ ଅଧ୍ୟାପକ ନିଯୁକ୍ତିରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ସହ ୨୦୨୦ର ସମସ୍ତ ନୀତିନିୟମକୁ ଉଲଙ୍ଘନ କରି ଜଣେ କନିଷ୍ଠ କିରାଣି ଓ ଜଣେ ସହକାରୀ ଲାଇବ୍ରେରିଆନଙ୍କୁ ନିଯୁକ୍ତି ଦିଆଯାଇଥିଲା କିନ୍ତୁ ସେଥିପାଇଁ କୌଣସି ବିଜ୍ଞାପନ ବାହାର କରି ନଥିଲେ କି ସାକ୍ଷାତକାର ମଧ୍ୟ କରାଯାଇ ନଥିଲା । ସେହିପରି ଗତ ଜାନୁୟାରୀ ୯

**ଆଗରୁ ନିଶାଖାଇ ଶୋଇଥିଲେ କି ?**

ତାରିଖରେ ଆଶ୍ଚର୍ଯ୍ୟଜନକ ଭାବରେ ହଠାତ ସାକ୍ଷାତକାର କରି ମହିଳା ସହାୟିକାଙ୍କ ଠାରୁ ଆରମ୍ଭ କରି ଅଧ୍ୟାପକ ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରଯାଇଥିବା ଅଭିଯୋଗ ହୋଇଥିଲା। ୨୦୧୯-୨୦ ମସିହାରେ ରଷା ଗ୍ରାଣ୍ଟର ଦୂରୁପଯୋଗ ହୋଇଥିବା ଅଭିଯୋଗ ହୋଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ଅଧ୍ୟକ୍ଷ ଶ୍ରୀ ମହାପାତ୍ର ଏହି କଲେଜରୁ ତାଙ୍କ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ଦୀର୍ଘ ୩୬ ବର୍ଷ ହେବ ଏଠାରେ ଅଛନ୍ତି । ତାଙ୍କ ଚାକିରିକାଳ ମଧ୍ୟରେ ଥରଟିଏ ମଧ୍ୟ ବଦଳି ହୋଇନାହିଁ, ଯାହାକି ଉଚ୍ଚଶିକ୍ଷା ବିଭାଗ ଉପରେ ଅଙ୍ଗୁଳି ଉଠାଯାଇଛି । ଏଣୁ ତୁରନ୍ତ ଅଧ୍ୟକ୍ଷ ଶ୍ରୀ ମହାପାତ୍ରଙ୍କୁ ଏଠାରୁ ବଦଳି କରିବା ସହ ଏହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରାତନ ଛାତ୍ର ଶ୍ରୀ ଜେନା ସ୍ଥାନୀୟ ବୁଦ୍ଧିଜିବୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ଦର୍ଶାଯାଇଛି । ଏହି ଅଭିଯୋଗ ସମ୍ପର୍କରେ କଲେଜ ଅଧ୍ୟକ୍ଷ ସାରଦା ପ୍ରସନ୍ନ ମହାପାତ୍ରଙ୍କୁ ପଚାରିବାରୁ ଏହା ଏକ ମିଥ୍ୟା ଅଭିଯୋଗ । ଆବେଦନକାରୀଙ୍କ କୌଣସି ପରିଚୟ ନାହିଁ ଓ ଦେଇଥିବା ଠିକଣାରେ ସେପରି କେହି ଲୋକ ନାହାନ୍ତି ବୋଲି କହିବା ସହ ମୋତେ ଏବଂ କଲେଜକୁ ବଦନାମ କରିବା ପାଇଁ କେଜି ଜଣେ ମିଛରେ ଏପରି ଅଭିଯୋଗ କରିଥାଇପାରେ, ତେଣୁ ଖୁବଶିଘ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଖୁଲାସା କରିବି ବୋଲି ସେ ପ୍ରକାଶ କରିଛନ୍ତି ।

## ଭବିଷ୍ୟତର ଷ୍ଟେନଲେସ୍ ଷ୍ଟିଲ୍ ବୃତ୍ତିଧାରୀଙ୍କୁ ତାଲିମ ଦେବା ନିମନ୍ତେ ଏସ୍‌ସିଟିଇଭିଟି ଏବଂ ଜେଏସ୍‌ଏଲ୍ ମଧ୍ୟରେ ବୁଝାମଣା ପତ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଷ୍ଟେନଲେସ୍ ଷ୍ଟିଲ୍ ଏବଂ ଏହାର ବିଭିନ୍ନ ପ୍ରୟୋଗ କ୍ଷେତ୍ରରେ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାର ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇଭିଟି) ଆଜି ଜିନ୍ଦଲ ଷ୍ଟେନଲେସ୍ ସହିତ ଏକ ବୁଝାମଣାପତ୍ର(ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ଏମଓୟୁ ଅଧୀନରେ ଜୁନ୍ ୨୦୨୨ରୁ ଓଡ଼ିଶାର ସମସ୍ତ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନରେ ଷ୍ଟେନଲେସ୍ ଷ୍ଟିଲ୍ ପାଠ୍ୟକ୍ରମ ତାଲିମ ପ୍ରଦାନ କରାଯିବ। ଏସସିଟିଇଭିଟି ଉପାଧ୍ୟକ୍ଷ, ଶ୍ରୀ ରେଘୁ ଜି ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍(ଜେଏସ୍‌ଏଲ୍) ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।




ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ଜିନ୍ଦଲ ଷ୍ଟେନ୍‌ଲେସ୍ ସହିତ ଏହି ସହଯୋଗ ବୈଷୟିକ ଶିକ୍ଷା କ୍ଷେତ୍ର ପାଇଁ ଏକ ମାନଦଣ୍ଡ ହେବ ଏବଂ ଏହା ପଲିଟେକ୍‌ନିକ୍‌ରେ ଶିଳ୍ପ ଆଭିମୁଖୀକରଣକୁ ବ୍ୟାପକ କରିବାରେ ସହାୟକ ହେବ। ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ସର୍ବଦା ପ୍ରାଥମିକ ଦେଉଛନ୍ତି ଏବଂ ଭିତ୍ତିଭୂମି ତଥା ବୈଷୟିକ ତାଲିମ ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ପୁଞ୍ଜି ବିନିଯୋଗ କରୁଛନ୍ତି। ଡିପ୍ଲୋମା ପ୍ରଶିକ୍ଷାର୍ଥୀମାନେ ସ୍କିଲ ମାଧ୍ୟମରେ ଶ୍ରମିକ ଏବଂ ଇଞ୍ଜିନିୟରଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରୁଥିବାରୁ ସେମାନେ ଯେକୌଣସି ଶିଳ୍ପ ସଂସ୍ଥାର ମେରୁଦଣ୍ଡ ବୋଲି ସେ ପ୍ରକାଶ କରିଛନ୍ତି।

ଷ୍ଟେନଲେସ୍ ଷ୍ଟିଲ ଶିଳ୍ପ ବିଷୟରେ ଆଲୋକପାତ କରି ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ ବିଜୟ ଶର୍ମା କହିଛନ୍ତି ଯେ ଘରୋଇ ଷ୍ଟେନଲେସ୍ ଷ୍ଟିଲ୍ ଶିଳ୍ପ ପାଇଁ ଏକ ଆତ୍ମନିର୍ଭରଶୀଳ ଇକୋସିଷ୍ଟମ ବିକାଶ ପାଇଁ ଆମେ ପ୍ରତିବଦ୍ଧ। ଏହି ଏମ୍‌ଓୟୁ ଆମ ଦେଶର ଭବିଷ୍ୟତର କର୍ମଜୀବୀଙ୍କୁ ଷ୍ଟେନଲେସ୍ ଷ୍ଟିଲ୍ ଏବଂ ଏହାର ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଶିଖିବା ନିମନ୍ତେ ସୁଯୋଗ ପ୍ରଦାନ କରିବ।

## ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ସମ୍ମିଳନୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୨୭ ତାରିଖ ପୂର୍ବାହ୍ନରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ହେଉଛନ୍ତି ଜିଲ୍ଲାସ୍ତରରେ ରାଜ୍ୟ ସରକାରଙ୍କର ମୁଖପାତ୍ର ସଦୃଶ। ସମୟ ଅନୁସାରେ ଲୋକସଂପର୍କର ପରିଭାଷା ବଦଳିଛି।




ରାଜ୍ୟ ସରକାର ୫-ଟି ଆଧାରରେ ନାଗରିକ କୈନ୍ଦ୍ରିକ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଭାଗର ଉନ୍ନତି ପାଇଁ ବିଭାଗର କାର୍ଯ୍ୟକୁ ଅଧିକ ଦକ୍ଷତା ଓ ନିଷ୍ଠାର ସହ ସଂପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ବିଭାଗରେ ଥିବା ପୁରୁଣା ଦୁର୍ଲଭ ଫଟୋ, ପ୍ରମାଣିକ ଚଳଚ୍ଚିତ୍ର, ପୁରୁଣା ଚଳଚ୍ଚିତ୍ରଗୁଡ଼ିକୁ ଆଗାମୀ ପିଢି ପାଇଁ ସଂରକ୍ଷଣ କରି ରଖିବାର ଆବଶ୍ୟକତା ରହିଛି। ବିଭାଗ ତରଫରୁ ପ୍ରକାଶିତ ହେଉଥିବା ପୁରାତନ 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସଂଖ୍ୟାଗୁଡିକୁ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ସହଯୋଗରେ ଡିଜିଟାଇଜେସନ୍ କରାଯିବା ବିଭାଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଜନସଚେତନତା ଓ ସୂଚନା ବ୍ୟବସ୍ଥାକୁ ବ୍ୟାପକ କରିବାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ସେମାନଙ୍କର ଭୂମିକାରେ ଅଧିକ କ୍ରିୟାଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ।

## ବୟାଳିଶମୌଜାକୁ ମଣିଷମରା ରାସ୍ତା

**କଟକ(ସଂପର୍କବାର୍ତ୍ତା):-** କଟକ ସଦର ବ୍ଲକ୍‌ର ପ୍ରମୁଖ ଅଂଚଳ ଭାବେ ପରିଚିତ ବୟାଳିଶମୌଜାର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ରାସ୍ତା ମଝିରେ ବଡବଡ ଖାଲ ସୃଷଟି ହେତୁ ପ୍ରତ୍ୟେକ ଦିନ ବହୁ ଦୁର୍ଘଟଣା ଘଟୁଛି । ବ୍ରହ୍ମପୁର, ଦଧିବାମନପୁର, ବେଣ୍ଟକାର, ଝାରପଟା, କଳପଡା, କୂଳସରିଚୁଆଁ ଆଦି ୬ଟି ପଂଚାୟତର ପ୍ରାୟ ୮୦ହଜାରରୁ ଊର୍ଦ୍ଧ୍ୱ ଜନତା ପ୍ରତ୍ୟେକ ଦିନ ବୟାଳିଶମୌଜାରୁ କଟକକୁ ଯିବା ପାଇଁ ୩ଟି ରାସ୍ତା ବ୍ୟବହାର କରିଥାଆନ୍ତି । ପ୍ରତିଦିନ ୧୫ ହଜାରରୁ ଊର୍ଦ୍ଧ୍ୱ ଛୋଟ-ବଡ ଗାଡି ଚଳାଚଳ କରିଥାଏ । କିନ୍ତୁ ରାସ୍ତାରେ ଅଧିକ ଖାଲଖମା ସୃଷ୍ଟି ହେତୁ ବହୁ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହୁଏ । ଏଥିପ୍ରତି ଜିଲା ପ୍ରଶାସନ ତିଳେମାତ୍ର ଦୃଷ୍ଟି ନଦେବା ଦ୍ୱାରା ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ବିଭିନ୍ନ ସାମାଜିକ ଅନୁଷ୍ଠାନଦ୍ୱାରା ଏହି ପ୍ରସଙ୍ଗରେ ବିଭାଗୀୟ ଅଦ୍ଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା ଫଳ କିଛି ମିଳୁନି । ଯଦି ରାସ୍ତାର ମରାମତି କରା ନଯାଏ ତେବେ ଆଗକୁ ବର୍ଷାଦିନ ଥିବାରୁ ରାସ୍ତା ଅବସ୍ଥା ଆହୁରି ଶୋଚନୀୟ ହୋଇଯିବ । ତେଣୁ ତୁରନ୍ତ ରାସ୍ତା ମରାମତି ନିମେନ୍ତ ଅନିଲ ଦାସ, ଆଇନଜୀବୀ କେଶବ ଚନ୍ଦ୍ର କର, ସନ୍ତୋଷ କୁମାର ପତି, ରାମଚନ୍ଦ୍ର ଗୋଚ୍ଛାୟତ, ବସନ୍ତ କୁମାର ପଣ୍ଡା, ଅଜୟ କୁମାର ପତି ପ୍ରମୁଖ ମୁଖ୍ୟମନ୍ତ୍ରୀ ସହ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ।

## ଅବସର ଯନ୍ତ୍ରୀଙ୍କୁ ପୁନଃନିଯୁକ୍ତିରେ ଆନ୍ଦୋଳନ ହେବ !

**କଟକ(ତପନ ମହାନ୍ତି):-** ଆମର ଲୋକପ୍ରିୟ ସରକାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନା କରି ଶିକ୍ଷିତ ଯୁବକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ଖୋଲିବା ପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ । ଏହାର ନିମ୍ନ ଉଦାହରଣ ହେଲା ଲକ୍ଷ ଲକ୍ଷ ବେକାର ଇଂଜିନିୟର ଥିବାବେଳେ ନିର୍ମାଣ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ସହକାରୀ ଯନ୍ତ୍ରୀ (ସିଭିଲ) ଭାବେ ନିଯୁକ୍ତି ଦେଇ କଟକ ଠାରେ ଥିବା କନଷ୍ଟ୍ରକ୍ସନ ଇଂଜିନିୟରିଂ କାର୍ଯ୍ୟାଳୟ ଅଧିନରେ ଥିବା ବାଦାମବାଡି (ଆରଆଣ୍ଡବି) ସେକ୍ସନରେ ଓପିଡି ଭାବେ ଅବସ୍ଥାପିତ କରିଛନ୍ତି । ନିର୍ମାଣ ବିଭାଗର ପତ୍ର ସଂଖ୍ୟା ୧୭୩୩ ତା ୬.୪.୨୨ରେ ଏବଂ ଶ୍ରୀ ଅଜୟ କୁମାର ଦାସ ତାଙ୍କ କାର୍ଯ୍ୟରେ ୧୩.୪.୨୨ରେ ଯୋଗଦାନ କରିଅଛନ୍ତି । ଏଥିରୁ ଜଣାପଡୁଛି ବେକାର ସମସ୍ୟା । ସମାଧାନ ପାଇଁ ନିର୍ମାଣ ବିଭାଗ କେତେ ଦୂର ତତ୍ପର ଓ ରାଜ୍ୟ ସରକାରଙ୍କର କଥା ଓ କାମ ଭିତରେ କେତେ ସାମଞ୍ଜସ୍ୟ । ପୂର୍ତ୍ତ ବିଭାଗର ଜୈନିକ ସତନ୍ତ୍ର ଶାସନ ସଚୀବ ସରକାରଙ୍କୁ ଭୁଲ ତଥ୍ୟ ଦେଇ ଏହିଭଳି କାମ କରୁଥିବା ନେଇ ଚାରିଆଡେ ଚର୍ଚ୍ଚା ଧରିଛି । ଯାହାକି ଅନୁସନ୍ଧାନ ସାପେକ୍ଷ।

## ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମୀ ମହାପାତ୍ରଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଗତ ୨୩ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାର ଜଟଣୀ ଗସ୍ତ କରି ପଞ୍ଚାୟତ ସମିତି ନିକଟସ୍ଥ ରାଜୀବଗାନ୍ଧୀ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ

**୩୩ଟି ଅଭିଯୋଗର ତତ୍କାଳ ଫଇସଲା**

ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୧୫ଟି ବ୍ୟକ୍ତିଗତ ସମସ୍ୟା ଓ ୬ଟି ସାମୁହିକ ସମସ୍ୟା ସଂପର୍କିତ ଥିଲା। ୩୩ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିବାବେଳେ ଅବଶିଷ୍ଟ ଦରଖାସ୍ତଗୁଡିକ ସଂପର୍କରେ ତୁରନ୍ତ ଫଇସଲା କରି ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରିବାକୁ ଜିଲ୍ଲାପାଳ ସଂପୃକ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହୀତ ଅଭିଯୋଗଗୁଡିକ ମୁଖ୍ୟତଃ ବ୍ଲକ, ତହସିଲ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ବିଭାଗ ଓ ପାନୀୟ ଜଳ ଯୋଗାଣ ସଂପର୍କିତ ଥିଲା। କେତେକ ଅଭିଯୋଗ ସାମାଜିକ ବନୀକରଣ, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ସାମାଜିକ ସୁରକ୍ଷାରେ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ସେବା ଆଦି ସଂକ୍ରାନ୍ତୀୟ ଥିଲା। ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆର୍ଥିକ ସଚ୍ଛଳ ନଥିବା, ଅସହାୟ ତଥା ନିତାନ୍ତ ସହାୟତା ଆବଶ୍ୟକ କରୁଥିବା ୧୩ଜଣ ହିତାଧିକାରୀଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ମୋଟ ୧ ଲକ୍ଷ ୩୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।



ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ ସିଂ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା, ଦିଗନ୍ତ କୁମାର ରାଉତରାୟ, ଉପ ଜିଲ୍ଲାପାଳ, ଭୁବନେଶ୍ୱର ଦେବବ୍ରତ ସାହୁ, ଏସିପି-ଜୋନ୍-୩ ରଜନ ରାୟ, ଜଟଣୀ ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଜଟଣୀ ପୌରାଞ୍ଚଳ ଅଧ୍ୟକ୍ଷ ଅନନ୍ତ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ, ଜଟଣୀ ସରୋଜ ରାଉତ, ତହସିଲ୍‌ଦାର, ତପନ କୁମାର ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଜଟଣୀ ପଞ୍ଚାୟତ ସମିତି ପକ୍ଷରୁ ବ୍ୟାପକ ସୁବିଧା କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଜଟଣୀ ପଞ୍ଚାୟତ ସମିତି ପକ୍ଷରୁ ବ୍ୟାପକ ସୁବିଧା କରାଯାଇଥିଲା। କୋଭିଡ୍ କଟକଣା ହେବା ପରେ ଏହା ଜିଲ୍ଲାପାଳଙ୍କ ୬ଷ୍ଠ ଜନଶୁଣାଣୀ ହୋଇଥିବାରୁ ଆଜି ଏଠାକୁ ବହୁ ସଂଖ୍ୟାରେ ଜନସାଧାରଣ ଅଭିଯୋଗ ନେଇ ଆସିଥିଲେ।

## ରାଜଭବନରେ 'ସ୍ୱାଧୀନତା ଅମୃତ ମହୋତ୍ସବ'

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ହେଉଛି ସର୍ଜନାର ମହାଭୂମି। ପ୍ରତିଭାର ପ୍ରକାଶ ଓ ବିକାଶ ପାଇଁ ଓଡ଼ିଶାରେ ଅନୁକୂଳ ପରିବେଶ ରହିଛି। ଓଡ଼ିଆ ଜାତୀୟତା ପ୍ରକୃତରେ ବିଶ୍ୱ କଲ୍ୟାଣ ପାଇଁ ଅଭିପ୍ରେତ। ଆଗାମୀ ଦିନରେ ଓଡ଼ିଆ ଭାବ ସାରା ପୃଥିବୀକୁ ମାର୍ଗଦର୍ଶନ କରାଇବ ବୋଲି ରାଜ୍ୟପାଳ ପ୍ରଫେସର ଲାଲ୍ କହିଛନ୍ତି।

ଗତ ୨୫ ତାରିଖ ଦିନ ଅପରାହ୍ନରେ ରାଜଭବନର ଅଭିଷେକ ହଲ୍‌ରେ 'ସ୍ୱାଧୀନତାର ଅମୃତ ମହୋତ୍ସବ' ଅବସରରେ ଆୟୋଜିତ ଏକ କବି ସମ୍ମିଳନୀରେ ପ୍ରଫେସର ଲାଲ କହିଲେ ଯେ ଦେଶପ୍ରେମ ଓ ଜାତୀୟତାବୋଧ ଆମ ଚେତନାର ଅବିଚ୍ଛେଦ୍ୟ ଅଙ୍ଗ। ଜାତିପ୍ରୀତି ହିଁ ଦେଶର ମହତ୍ତ୍ୱପୂର୍ଣ୍ଣ ଅଭିବୃଦ୍ଧି ନିମନ୍ତେ ବ୍ୟକ୍ତିଙ୍କୁ ପ୍ରେରଣା ଦେଇଥାଏ। ସାହିତ୍ୟରେ ଜାତୀୟତା ପ୍ରସଙ୍ଗ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ରାଜ୍ୟପାଳ କହିଛନ୍ତି।




କବି ସମ୍ମିଳନୀରେ ଯୋଗଦେଇଥିବା କବିମାନଙ୍କୁ ରାଜ୍ୟପାଳ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି କବି ଡ. ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳଙ୍କ ସଚିବ ଶାଶ୍ୱତ ମିଶ୍ର ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

କବି ସୁଚେତା ମିଶ୍ର, ସମରେନ୍ଦ୍ର ନାଥ ମହାପାତ୍ର, ଅୟସକାନ୍ତ ମହାପାତ୍ର, ରକ୍ଷକ ନାୟକ, ମନୋରଞ୍ଜନ ପାଣିଗ୍ରାହୀ, ଗାୟତ୍ରୀବାଳା ପଣ୍ଡା, ସୁଜାତା ପରିଜା, ଇପ୍‌ସିତା ଷଡଙ୍ଗୀ, କେ. ଶ୍ୟାମବାବୁ ଦୋରା, ନରେନ୍ଦ୍ର କୁମାର ଭୋଇ, ପ୍ରୀତିଧାରା ସାମଲ, ଅଶୋକ କୁମାର ରାଉତ, ହରପ୍ରସାଦ ମହାପାତ୍ର, ଅମରେନ୍ଦ୍ର ମାଧବ ଦାସ, ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଓ ରଜନୀ ରଣସିଂହ ଦେଶ ଆଧାରିତ କବିତାମାନ ପାଠ କରିଥିଲେ। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟପାଳଙ୍କ ଲୋକସଂପର୍ଖ ଅଧିକାରୀ ରକ୍ଷକ ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

## ଶକ୍ତି ମନ୍ତ୍ରୀଙ୍କ ସହ ତ୍ରିନିଦାଦ୍ ରାଷ୍ଟ୍ରଦୂତଙ୍କ ସୌଜନ୍ୟମୂଳକ ସାକ୍ଷାତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୨୭ ତାରିଖ ଦିନ ତ୍ରିନିଦାଦ୍‌ରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ(ରାଷ୍ଟ୍ର) ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତାଙ୍କର ଏହି ସାକ୍ଷାତ ସମୟରେ ତ୍ରିନିଦାଦ୍‌ରେ ରହୁଥିବା ଭାରତୀୟମାନଙ୍କ ସାମାଜିକ, ଅର୍ଥନୈତିକ ତଥା ସାଂସ୍କୃତିକ ଜୀବନଶୈଳୀ ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏଥି ସହିତ ତାଙ୍କର ଜନ୍ମସ୍ଥାନ ଦେବଗଡ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଦିଗରେ କି ପ୍ରକାର ପଦକ୍ଷେପ ସବୁ ନିଆଯାଇପାରେ ତାହା ସେ ଆଲୋଚନା କରିଥିଲେ। ତେବେ ଏହି ସାକ୍ଷାତ କେବଳ ସୌଜନ୍ୟମୂଳକ ଥିବା ସେ କହିଥିଲେ। ପରେ ସେ ସେଠାରୁ କିଟ୍‌ରେ ଏକ ସେମିନାର୍‌ରେ ଯୋଗଦେବାକୁ ଯାଇଥିଲେ।



## ଗୋପାଳପୁର ବନ୍ଦରର ବିକାଶ ଲାଗି ଚୁକ୍ତିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗୋପାଳପୁର ବନ୍ଦରର ବିକାଶ ଓ ବିସ୍ତାର ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୋପାଳପୁର ବନ୍ଦର ଲିମିଟେଡ୍ ମଧ୍ୟରେ ଆଜି ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପଦ୍ମନାଭ ବେହେରା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଉପସ୍ଥିତିରେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଓ ବାଣିଜ୍ୟ ଓ ପରିବହନ ବିଭାଗ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

ଗଞ୍ଜାମ ଜିଲ୍ଲାର ଅର୍ଜୀପାଲୀଠାରେ ଅବସ୍ଥିତ ଗୋପାଳପୁର ବନ୍ଦର ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇ ଆସୁଥିଲା । ଏହାକୁ ଏକ ସବୁଦିନିଆ ବନ୍ଦରରେ ବିକଶିତ ଓ ସଂପ୍ରସାରିତ କରିବା ପାଇଁ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ମାଧ୍ୟମରେ ୨୦୦୬ ମସିହା ସେପ୍ଟେମ୍ବର ୧୪ ତାରିଖରେ ସରକାରୀ-ବେସରକାରୀ ଭାଗୀଦାରି(ପିପିପି) ମୋଡ୍‌ରେ ମେସର୍ସ ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍(ଓଏସ୍‌ଏଲ୍) ଦ୍ୱାରା ପରିଚାଳିତ ବନ୍ଦର ପରିଚାଳନା ସଂସ୍ଥା ତଥା ଗୋପାଳପୁର ପୋର୍ଟ ଲିମିଟେଡ୍ ସହିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ଯାହାଫଳରେ ଋତୁକାଳୀନ ବନ୍ଦରରୁ ଏକ ସବୁଦିନିଆ ବନ୍ଦରରେ ରୂପାନ୍ତରିତ ହୋଇପାରିଛି। ସମୟ କ୍ରମେ ୨୦୧୭ ମସିହା ଜାନୁଆରୀ ୧୮ ତାରିଖରେ ଗୋପାଳପୁର ବନ୍ଦର ପରିଚାଳନା ସଂସ୍ଥାରେ ମେସର୍ସ ଶପୋର୍ଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରା.ଲିଃ.(ଏସ୍‌ପିଏଲ୍‌ଏଲ୍)ର ଯୋଗଦାନ ଏବଂ ଅଂଶଧନ ପରିବର୍ତ୍ତନ ଯୋଗୁ ଏସ୍‌ପିଏମ୍‌ଏଲ୍ ଦ୍ୱାରା ସଂଖ୍ୟାଗରିଷ୍ଠ ଅଂଶଧନ ହାସଲ ଏବଂ ବନ୍ଦର ପରିଚାଳନା କ୍ଷମତା ମେସର୍ସ ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍(ଓଏସ୍‌ଏଲ୍)ରୁ ମେସର୍ସ ଶପୋର୍ଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରା.ଲିଃ.କୁ ସ୍ଥାନାନ୍ତରିତ ହୋଇଛି।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# "ମୋ ସରକାର"ରେ ସାମିଲ ୩ ବିଭାଗ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ମୋ ସରକାର ଏକ ନୂଆ ମଡେଲ ଦେଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଆଜି ମୋ ସରକାର ଉପକ୍ରମ ସଂପର୍କରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି। ବୈଠକରେ ସମସ୍ତ ବିଭାଗ ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବାକୁ ପରାମର୍ଶ ଦେବା ସହିତ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗ କାର୍ଯ୍ୟକ୍ରମ ଉପରେ ନଜର ରଖି ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ଦୁଇ ଦଶକ ମଧ୍ୟରେ ଓଡ଼ିଶାରେ ବ୍ୟାପକ ବିକାଶ ହୋଇଛି ଓ ଓଡ଼ିଶା ଓ ଓଡ଼ିଶା ଅନେକ କ୍ଷେତ୍ରରେ ଆଦର୍ଶ ସୃଷ୍ଟି କରିଛି। ଦୁଇ ବର୍ଷ ତଳେ ଆରମ୍ଭ ହୋଇଥିବା ମୋ ସରକାର କାର୍ଯ୍ୟକ୍ରମ ଏବେ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ଏକ ନୂଆ ମଡେଲ ଦେବାରେ ସଫଳ ହୋଇଛି ମୋ ସରକାର।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ସରକାର ଓ ସରକାରୀ ଅନୁଷ୍ଠାନଗୁଡିକ ପ୍ରତି ଲୋକଙ୍କ ଦୃଷ୍ଟିଭଙ୍ଗୀରେ ମୋ ସରକାର ବ୍ୟାପକ ପରିବର୍ତ୍ତନ ଆଣିଛି। ଜନସାଧାରଣ ଓ ସରକାରୀ ଅନୁଷ୍ଠାନ ମଧ୍ୟରେ ଆସ୍ଥା ସୃଷ୍ଟି କରିବାରେ ମଧ୍ୟ ଏହା ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ଲୋକଙ୍କ ଫିଡ୍ବ୍ୟାକ ରେକର୍ଡ କରାଯାଇଛି ଏବଂ ସେମାନଙ୍କ ମତାମତ ଭିତ୍ତିରେ ଯେଉଁ ଅବଧାରଣା ସୃଷ୍ଟି ହୋଇଛି, ତା ଉପରେ ପଦକ୍ଷେପ ମଧ୍ୟ ନିଆଯାଉଛି।

ଏହି ଉପକ୍ରମ ଉପରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରଶାସନରେ ଏହି ରୂପାନ୍ତର ପାଇଁ, ଯେଉଥିରେ ସରକାର ସବୁଠାରୁ ଶେଷ ଧାଡିରେ ଥିବା ଲୋକ ପାଖରେ ପହଞ୍ଚି ପାରୁଥିବେ ଏବଂ ଆବଶ୍ୟକତା ଥିବା ସବୁ ଲୋକଙ୍କୁ ସେବା ଯୋଗାଇ ପାରୁଥିବେ; ସେଥିପାଇଁ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ସଂପୂର୍ଣ୍ଣ




ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତି କରି କହିଲେ ଯେ ଏ ଦିଗରେ ନିୟମିତ ଉଦ୍ୟମ ଆଜି ସଫଳ ହୋଇଛି। ତୃଣମୂଳ ସ୍ତରରୁ ଯେଉଁ ଫିଡବ୍ୟାକ ମିଳୁଛି, ତାହା ଉତ୍ସାହଜନକ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ 'ମୁଁ ଯେଉଁ ମତାମତ ପାଉଛି, ସେଥିରୁ ଜଣାଯାଉଛି ଯେ କର୍ମଚାରୀଙ୍କ ବ୍ୟବହାରିକ ପରିବର୍ତ୍ତନ ଆଣିବାରେ ଅନେକ ବିଭାଗ ସଫଳ ହେଉଛନ୍ତି। ଖୁସିର କଥା, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ନାଗରିକମାନଙ୍କୁ ସେବା ପ୍ରଦାନ କରିବା ସମୟରେ ବର୍ତ୍ତମାନ ଅଧିକ ଦାୟିତ୍ୱସଂପନ୍ନ ଓ ସହୃଦୟତାର ସହ ବ୍ୟବହାର କରୁଛନ୍ତି।'

ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଲେ ଯେ ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନିକ ପ୍ରକ୍ରିୟା ଏବେ ଅଧିକ ସହଭାଗିତାଭିତ୍ତିକ ହୋଇପାରିଛି ଏବଂ ଏହି ପ୍ରକ୍ରିୟା ମଧ୍ୟରେ ନାଗରିକମାନେ ସରକାରୀ କାର୍ଯ୍ୟକ୍ରମ ଗୁଡିକର ଅଂଶୀଦାର ମଧ୍ୟ ହୋଇପାରିଛି। ଏ ଦିଗରେ ନିରନ୍ତର ପ୍ରୟାସ ଦ୍ୱାରା ଏକ ସମତା ଓ ନ୍ୟାୟଭିତ୍ତିକ ଅନ୍ତର୍ଭୁକ୍ତି ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ, "ମୁଁ ପୁଣିଥରେ କହୁଛି ଯେ ନାଗରିକମାନଙ୍କ ସନ୍ତୋଷ ଏକ ଲକ୍ଷ୍ୟ ନୁହେଁ, ଏହା ଏକ ନିରନ୍ତର ଯାତ୍ରା। ଆମ ସମସ୍ତଙ୍କୁ ନିରନ୍ତର ଉନ୍ନତି କରିବାର ଏବଂ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଅଧିକ ସକ୍ରିୟ ହେବାର ଆବଶ୍ୟକତା ରହିଛି। ବିଭାଗ ଗୁଡିକର ଭୂମିକା ଲୋକଙ୍କ ମତାମତ ସଂଗ୍ରହ କରିବାରେ ଶେଷ ହୋଇଯିବା ଉଚିତ୍ ନୁହେଁ, ବରଂ ଏଥିରେ ଯେଉଁ ସମସ୍ୟା ଅଛି, ସେଗୁଡିକ ସମାଧାନ କରିବା ପାଇଁ ସମସ୍ୟା ଅଛି, ସେଗୁଡିକ ସମାଧାନ କରିବା ପାଇଁ ପଦକ୍ଷେପ ନେବା ମଧ୍ୟ ଜରୁରୀ। ଯେଉଁ କର୍ମଚାରୀମାନେ ଲୋକଙ୍କ ସେବା ଯୋଗାଇ ଦେବାରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି, ସେମାନଙ୍କୁ ବିଭାଗ ଗୁଡିକ ସେମାନଙ୍କୁ ମାନ୍ୟତା ଦେବାର ଆବଶ୍ୟକତା ମଧ୍ୟ ରହିଛି।" ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅର୍ଥ, ପୂର୍ତ୍ତ ଏବଂ ବାଣିଜ୍ୟ ଓ ପରିବହନ, ଏହି ୩ଟି ବିଭାଗକୁ ମୋ ସରକାରରେ ସାମିଲ ହେବା ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ।

ବୈଠକରେ ୬ଟି ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା ହୋଇଥିଲା। ଏଗୁଡିକ ହେଲା ଗୃହ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଜଳସଂପଦ ବିଭାଗ। ଆଲୋଚନାରେ ଭାଗ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ ଏହା ଲୋକଙ୍କ ଠାରୁ ଫିଡବ୍ୟାକ ଗ୍ରହଣ କରିବାର ସବୁଠାରୁ ବଡ କାର୍ଯ୍ୟକ୍ରମ। ଏଥିରେ ପ୍ରାୟତଃ ସବୁ ବିଭଅଗ ସାମିଲ ହୋଇଥିବା ବେଳେ, ଏହି କାର୍ଯ୍ୟକ୍ରମକୁ ନିୟମିତ ଭାବେ ତଦାରଖ କରିବାରେ ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ବୈଠକରେ ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କହିଲେ ଯେ ଅଧିକାଂଶ ବିଭାଗର ଫିଡବ୍ୟାକ ବ୍ୟବସ୍ଥା ବହୁତ ଉନ୍ନତମାନର ଅଛି। ସାଧାରଣ ଲୋକଙ୍କ ଠାରୁ ମତାମତ ସଂଗ୍ରହ କରିବାରେ ବିଭାଗମାନେ ତତ୍ପରତା ଦେଖାଇବା ସହ ଭୁଲ କରୁଥିବା କର୍ମଚାରୀଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ସାଧାରଣ ଲୋକଙ୍କ ସହିତ ବିଭିନ୍ନ ବିଭାଗରେ ବିଶେଷ କରି ଇଂଜିନିୟରିଂ ବିଭାଗଗୁଡିକରେ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ଠାରୁ ମଧ୍ୟ ମୋ ସରକାରର କାର୍ଯ୍ୟକ୍ରମରେ ଫିଡବ୍ୟାକ ସଂଗ୍ରହ କରିବାର ବ୍ୟବସ୍ଥା କରାଯିବା ଜରୁରୀ ବୋଲି ସେ କହିଥିଲେ।

ଏହି ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସଚିବ ମନୋଜ ମିଶ୍ର ଏକ ଉପସ୍ଥାପନ ରଖି କହିଲେ ଯେ ରାଜ୍ୟର ୨୮ଟି ବିଭାଗର ୨୩୩ଟି ସେବା ମୋ ସରକାରରେ ସାମିଲ ହୋଇଛି। ଆଜିର ଏହି ୩ଟି ବିଭାଗକୁ ମିଶାଇ ୩୧ଟି ବିଭାଗର ୨୫୦ଟି ସେବା ସାମିଲ ହେଲା।

# ୨୦ ହଜାର ଭିଆଇପିଙ୍କ ସୁରକ୍ଷା ଖର୍ଚ୍ଚ ୧୨ହଜାର କୋଟି

**ନୂଆଦିଲ୍ଲି(ସଂପର୍କବାର୍ତ୍ତା):-** ଦେଶରେ ଭିଆଇପିଙ୍କ ସୁରକ୍ଷା ବେଳକୁ ବେଳ ମହଙ୍ଗା ହେବାରେ ଲାଗିଛି। ଦେଶରେ ୨୦ ହଜାରରୁ ଅଧିକ ବିଶିଷ୍ଟ ଓ ଅତିବିଶିଷ୍ଟ ନାଗରିକଙ୍କ ସୁରକ୍ଷା ଲାଗି ନିର୍ଦ୍ଧାରିତ ସଂଖ୍ୟକ ସୁରକ୍ଷା କର୍ମୀ

## ମୁତୟନ ହୋଇଛନ୍ତି ୬୦ହଜାର ଜବାନ, ୩୦ ହଜାର ବାହନ

ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏସପିଜି ସୁରକ୍ଷାକୁ ନେଇ ଜେଡ୍ ପ୍ଲସ୍, ଜେଡ୍ ୱାଇପ୍ଲସ୍, ୱାଇ ଓ ଏକ୍ସ କ୍ୟାଟଗରୀର ସୁରକ୍ଷା ଯୋଗାଇ ଦିଆଯାଇଛି। ଏହା ବାଦ କେନ୍ଦ୍ର ଓ ରାଜ୍ୟରେ ଏକ ବା ଦୁଇ ସୁରକ୍ଷା କର୍ମୀଙ୍କୁ ସାଙ୍ଗରେ ନେଇ ଯାଉଥିବା ଭିଆଇପିଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ।

ଭିଆଇପିଙ୍କ ସୁରକ୍ଷାରେ ନିୟୋଜିତ ଅଧିକାରୀଙ୍କ ଅନୁସାରେ ବାର୍ଷିକ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚରେ ୨୦ ହଜାର ଭିଆଇପି ସୁରକ୍ଷିତ ରହି ପାରୁଛନ୍ତି। ସେମାନଙ୍କ ସୁରକ୍ଷାରେ ୬୦ ହଜାରରୁ ଅଧିକ ଜବାନ ମୁତୟନ ହୋଇଥିବା ବେଳେ ୩୦ ହଜାରରୁ ଅଧିକ ବାହନ ରହିଛନ୍ତି। ଏହି ୧୨ ହଜାର କୋଟି ଟଙ୍କାରେ କେବଳ ସୁରକ୍ଷା କର୍ମୀଙ୍କ ବେତନ ଓ ବାହନ ପେଟ୍ରୋଲ୍ ଓ ଡିଜେଲ ଖର୍ଚ୍ଚ ହେଉଛି। ଏହା ବାଦେ ସେମାନଙ୍କ ଖାଦ୍ୟ ପେୟ, ଅବସ୍ଥାନ, ଟ୍ରାଭେଲିଂ, ରିସ୍କ ଆଲାଉନ୍ସ ଓ ଅନ୍ୟ ବ୍ୟୟ ବି ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହି ବ୍ୟୟ ବହନ କରନ୍ତି। ପଞ୍ଜାବ ସରକାର ଶନିବାର ରାଜ୍ୟରେ ୪୨୪ ଜଣଙ୍କୁ ଦିଆଯାଉଥିବା ସୁରକ୍ଷା ଫେରାଇ ନେଇଛନ୍ତି। ଏହି ଭିଆଇପିଙ୍କ ସୁରକ୍ଷା ଲାଗି ରାଜ୍ୟ ସରକାରଙ୍କୁ ବିପୁଳ ବ୍ୟୟ ବହନ କରିବାକୁ ପଡୁଥିଲା। ଏହା ପୂର୍ବରୁ ମଧ୍ୟ ଭଗୱନ୍ତ ମାନ ସରକାର ଅନେକ ବିଧାୟକ, ପୂର୍ବତନ ବିଧାୟକ ଓ ଅନ୍ୟ ନେତାଙ୍କ ସୁରକ୍ଷାରେ ମୁତୟନ ପୋଲିସ୍ କର୍ମଚାରୀଙ୍କୁ ଫେରାଇ ନେଇଥିଲେ। ଯେଉଁ ନେତାଙ୍କ ସୁରକ୍ଷା ପ୍ରତ୍ୟାହାର କରାଯାଇଥିଲା ସେମାନଙ୍କ ମଧ୍ୟରେ ଅନେକ ରିଟାୟାର୍ଡ ପୋଲିସ୍ ଅଧିକାରୀ ମଧ୍ୟ ଥିଲେ। ଏପରିକି ଡେରା ଓ ଧାର୍ମିକ ନେତାଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଇଥିଲା।



ସୁରକ୍ଷା ମାମଲା ସହ ସଂପର୍କିତ ଜନେକ ଅଧିକାରୀଙ୍କ ଅନୁସାରେ ସିକ୍ୟୁରିଟି ମାପଦଣ୍ଡ ପୃଥକ ଥାଏ। ଆଇବି ଓ ଲୋକାଲ ଏଜେନ୍ସୀଙ୍କ ରିପୋର୍ଟ ଆଧାରରେ ସୁରକ୍ଷା ଯୋଗାଇ ଦିଆଯାଇଥାଏ। ରାଜ୍ୟରେ ସୁରକ୍ଷା ନିଜର ମାନଦଣ୍ଡ ଥାଏ। ଅଧିକାଂଶ ରାଜ୍ୟରେ ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମରେ ସୁରକ୍ଷା ପ୍ରଦାନ କରାଯାଇଥାଏ। ଜେଡ୍ ପ୍ଲସ୍ ସୁରକ୍ଷା କଭରରେ ୪୬ ସୁରକ୍ଷା କର୍ମୀ ଥାନ୍ତି। ଜେଡ୍‌ରେ ୩୩, ୱାଇ ପ୍ଲସ୍‌ରେ ୧୧ ଓ ୱାଇରେ ୮ ସୁରକ୍ଷା କର୍ମୀ ଯୋଗାଇ ଦିଆଯାଇଥାଏ। ସେହିପରି ଏକ୍ସ ଶ୍ରେଣୀରେ ୬ ଜଣ ପର୍ଯ୍ୟନ୍ତ ସୁରକ୍ଷା କର୍ମୀଥାନ୍ତି। ଜେଡ୍ ଓ ଜେଡ୍ ପ୍ଲସ୍ ସୁରକ୍ଷାରେ ଏସ୍କର୍ଟ ବି ରହନ୍ତି। ଅନେକ କ୍ଷେତ୍ରରେ ସୁରକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କୁ ଗସ୍ତ ଲାଗି ରାଜ୍ୟମାନଙ୍କ ପକ୍ଷରୁ ମଧ୍ୟ ସୁରକ୍ଷା ଯୋଗାଇ ଦିଆଯାଇଥାଏ। ଦେଶରେ ୨୪୦ ଜଣଙ୍କୁ କେନ୍ଦ୍ର ସରକାର ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ତେବେ ଏହା ପରିବର୍ତ୍ତନଶୀଳ, କେବେ କାହାର ସୁରକ୍ଷା କାଢି ନିଆଯାଏ ତ କେବେ ନୂଆ ଲୋକଙ୍କୁ ସୁରକ୍ଷା ଯୋଗାଇ ଦିଆଯାଏ। ଯଦି ଏପରି ଭିଆଇପିଙ୍କ ସଂଖ୍ୟା ୨୩୦ ମନେ କରାଯାଏ ତ ସେମାନଙ୍କ ଲାଗି ସାରା ଦେଶରେ ଅଢେଇ ହଜାରରୁ ଅଧିକ ସୁରକ୍ଷା କର୍ମୀ ମୁତୟନ ହୋଇଥାନ୍ତି।

ଏଥିରେ ଜଣେ ଜଣେ ସିପାହୀଙ୍କ ମୂଳ ବେତନ ୩୫ରୁ ୪୦ ହଜାର ଟଙ୍କା ରହୁଛି। ଏହି ହିସାବରେ ଗୋଟିଏ ମାସର ବେତନ ଲାଗି ୧୧ କୋଟି ଟଙ୍କା ରାଜକୋଷରୁ ବ୍ୟୟ ହୋଇଥାଏ। ଏମିତିରେ ବି ନିୟମ ଅଛି ଯଦି ସୁରକ୍ଷା କର୍ମୀ ମୁଖ୍ୟାଳୟରୁ ୮ କିମି ଦୂରକୁ ଯାଉଥାନ୍ତି ତେବେ ଟିଏ ଲାଗୁ ହୋଇଥାଏ। ସୁରକ୍ଷା କର୍ମୀଙ୍କ ହାଉସ ରେଣ୍ଟ ମଧ୍ୟ ଏକ୍ସ, ୱାଇ ଓ ଜେଡ୍ ଅନୁରୂପ ଦିଆଯାଏ।

# ବିଧାୟକ ମନୋହର ରନ୍ଧାରୀ ନିର୍ଦ୍ଦୋଷ



**ନବରଙ୍ଗପୁର(ସଂପର୍କବାର୍ତ୍ତା):-** ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନାମରେ ଥିବା ଅର୍ଥ ତୋସରପାତ ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ରାଜେଶ ଏକ୍କା ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ବିଧାୟକ ରନ୍ଧାରୀ ନନ୍ଦାହାଣ୍ଡି ବ୍ଲକ କିରାଣି ଥିବା ସମୟରେ ଲୁହାଛଡ, ସିମେଣ୍ଟ ଓ ଚାଉଳ ଦୁର୍ନୀତି କରି ଅର୍ଥ ହଡପ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ଏ ନେଇ ଲୋକାଲ ଅଡିଟ୍ ହୋଇଥିଲା। ୫,୬୬,୬୦୬ଟଙ୍କା ଅନିୟମିତତା ହୋଇଥିବା ଜଣାପଡିବା ପରେ ରନ୍ଧାରୀ ଉକ୍ତ ଟଙ୍କା ବ୍ଲକ୍‌ରେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ବିଧାୟକ ସଦନ ନାୟକ ରନ୍ଧାରୀ ସରକାରୀ ଅର୍ଥ ତୋସରପାତ କରିଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସଦନ ନାୟକ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ୨୦୧୩ରେ ଅଭିଯୋଗ କରିଥିଲେ।

# ଗୋଟିଏ କିସ୍‌ର ଦାମ୍ ୫୦ ହଜାର

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ପୁରୁଷ ସାମ୍ବାଦିକ ବାଡିଆପିଟା ହେଉଛନ୍ତି, ମହିଳା ସାମ୍ବାଦିକ ଅଫିସରଙ୍କୁ କିସ୍ ଦେଇ ଫାଇଦା ଉଠାଇବାରେ ଲାଗିଛନ୍ତି। ଗୋଟିଏ କିସ୍ ଦେଲେ ଏକ୍ସିକ୍ୟୁଟିଭ୍ ଅଫିସର୍ ଚିଠା ଆଣିଥିବା ମହିଳା

## ଜଗତସିଂହପୁର ଜିଲ୍ଲାରେ

ସାମ୍ବାଦିକାଙ୍କୁ ୫୦ ହଜାର ଟଙ୍କାର କାମ ଦେଉଛନ୍ତି। ହାତ ମାରିଲେ ଲକ୍ଷେ ଟଙ୍କାର ଠିକା କାମ ବି କରିଦେଉଥିବା ଅଫିସ୍ କର୍ମଚାରୀଙ୍କ ଠୁଁ ଶୁଣିବାକୁ ମିଳୁଛି। ଯାହାଫଳରେ ମହିଳା ସାମ୍ବାଦିକ କୌଣସି ଗୁଣରେ ପଛରେ ନାହାଁନ୍ତି। ପୁରୁଷ ସାମ୍ବାଦିକ କ୍ଷମତା ଓ ଅର୍ଥ ଲାଳସାରେ ତେଢାତେଢି ହେବା ସହିତ ବାଡିଆପିଟା ପର୍ଯ୍ୟନ୍ତ କଥା ଯାଉଛି। କିନ୍ତୁ ମହିଳା ସାମ୍ବାଦିକ ଚତୁରେ ଚତୁରେ ବିଧାୟକଙ୍କୁ ଫସାଇ ଚିଠା ଆଣି ଏକ୍ସିକ୍ୟୁଟିଭ୍ ଅଫିସରଙ୍କୁ ଦେଉଛନ୍ତି। ଜନୈକ ଏକ୍ସିକ୍ୟୁଟିଭ୍ ଅଫିସର୍ ପାଖରେ ବସାଇ ଚା' ଓ କଫି ପିଆଇ ମଧୁରିଆ ବଚନ କହି ପ୍ରଥମ ଫସାଇବା ଆରମ୍ଭ କରିଥାନ୍ତି। କେତେ ଚିଠା ଆସୁଛି, ଆମେ କାହାକୁ କାମ ଦବୁ, ଚିଠା ଦେଉଥିବା ବିଧାୟକ ପଛରେ କହୁଛନ୍ତି ଆମେ ଯେତେ ଚିଠା ଦବୁ କଣ ତୁମେ ସମସ୍ତଙ୍କୁ କାମ ଦବ? ଚିଠା ଚିଠା ବାଟରେ ଯିବ ମୁଁ ନ କହିବା ପର୍ଯ୍ୟନ୍ତ କାହାରିକୁ କାମ ଦେଇନଥିବ। ଚିଠା ରହିଲା, ସାର୍(ବିଧାୟକ) କହିଲେ ଦେଖିବା ଖଣ୍ଡେ କେଉଁଠୁ ଦବା! ଏମିତି କହି ମାସ ମାସ ଗଡେଇ ଚାଲିବା ପରେ ବିରକ୍ତି ମନଭାବ ହୋଇ କେତେକ ମହିଳା ସାମ୍ବାଦିକ ବାଧ ହୋଇ ସଂପୃକ୍ତ ନିର୍ବାହୀଯନ୍ତ୍ରୀଙ୍କୁ ଫସାଇବା ଉଦ୍ୟମ କରନ୍ତି। ପରେ ନିର୍ବାହୀଯନ୍ତ୍ରୀ ଜଣକ ଆସ ବସାକୁ ଆସ ଭୋର୍‌ରୁ ଭୋର୍‌ରୁ ଆସ ନଚେତ୍ ୯ଟା ପରେ ଆସେ ଏହିପରି କହି ଗୋଟିଏ କିସ୍ ଦେଲେ ୫୦ ହଜାର ଟଙ୍କାର କାମ ଦେବେ ବୋଲି କୁହନ୍ତି। ମହିଳା ସାମ୍ବାଦିକ ଯିଏ ସେଥିରେ ରାଜିହେଲେ, କିସ୍ ଦେଲା ୫୦ ହଜାର ଟଙ୍କାର ବିଧାୟକଙ୍କ ଚିଠାରେ କାମ ଆଣନ୍ତି ଏବଂ କିଛି କଣ୍ଟ୍ରାକ୍ଟରକୁ ବିକ୍ରି କରି କମିଶନ୍ ନିଅନ୍ତି। ଏହା ଏକ




ଜିଲ୍ଲାରେ ନିତିଦିନିଆ ଘଟଣା ହୋଇଗଲାଣି ବୋଲି କୁହାଯାଉଛି। ଯଦି ପରୀକ୍ଷାମୂଳକ ଭାବେ ଯେଉଁ ମହିଳା ସାମ୍ବାଦିକମାନଙ୍କୁ ବିଧାୟକ ଚିଠା ହେଉ କିମ୍ବା ଏକ୍ସିକ୍ୟୁଟିଭ୍ ଅଫିସରଙ୍କୁ କିସ୍ ନିଶା ହେଉ କାମ ଦେଉଛନ୍ତି ସେସବୁ କାମ କିଏ କରୁଛି ଯଦି ତଦନ୍ତ କରାଯାଏ ପ୍ରକୃତ କଥା ଜଣାପଡିବ ବୋଲି କୁହାଯାଉଛି। ପୁରୁଷ ସାମ୍ବାଦିକ ବାଡିଆପିଟା ଓ ତେଢାତେଢି ହେଉଥିବା ବେଳେ ମହିଳା ସାମ୍ବାଦିକ ବେସ୍ ଫାଇଦାରେ ହିଁ ଫାଇଦାରେ ଥିବା ଅଲୋଚନା ହେଉଛି।

# ରଙ୍ଗ ଦିଆ ସପୁରି-ଲିଚୁ ହେଉଛି ବିକ୍ରି




**ସୁନ୍ଦରଗଡ(ସଂପର୍କବାର୍ତ୍ତା):-** ଲୋକେ ଫଳ ଦୋକାନକୁ ଗଲେ ତଟକା ଫଳ ଖୋଜିଥାନ୍ତି। ଆମ୍ବ ହେଉ କି କଦଳୀ ଅବା ସପୁରୀ, ଲିଚୁ, ଡାଳିମ୍ବ ଉପରକୁ ଚିକ୍କଣ ଓ ସତେଜ ଦିଶୁଥିଲେ ତାକୁ ବିନା ଦ୍ୱିଧାରେ କିଣି ନିଅନ୍ତି। କିନ୍ତୁ ଉପରେ ଚିକ୍କଣ ଓ ସତେଜ ଦିଶୁଥିବା ଫଳ ଭିତରେ ଯେ ବିଷ ଭରି ରହିଥାଏ, ସେ କଥା କାହାକୁ ମାଲୁମ ନଥାଏ। ସୁନ୍ଦରଗଡ ବଜାରକୁ ଆସିଥିବା ସପୁରି ଓ ଲିଚୁକୁ ନେଇ ଏହି ଅଭିଯୋଗ ଆସିଛି। ସପୁରୀ ଓ ଲିଚୁ ଶୀଘ୍ର ପାଚିବା ଏବଂ ଉପରକୁ ସତେଜ ଦେଖାଇବାକୁ ରାସାୟନିକ ଔଷଧ

## ସାବିତ୍ରୀଙ୍କ ପାଇଁ ବିଷ ଫଳ !

ପ୍ରୟୋଗ କରାଯାଉଛି। ସୁନ୍ଦରଗଡ ବଜାରକୁ ଆଜି ଏପରି କିଛି ଚିତ୍ର ସାମ୍ନାକୁ ଆସିଛି। ଝାଡଖଣ୍ଡରୁ ଆସିଥିବା ସପୁରୀକୁ ଏକ ବଡ ହାଣ୍ଡିରେ ଥିବା ରାସାୟନିକ ଔଷଧ ମିଶା ପାଣି ବୁଡାଇ କୋକାନକୁ ପଠାଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ଝାଡଖଣ୍ଡରୁ ଆସିଥିବା ଲିଚୁକୁ ଏଠାରେ ଲାଲ ରଙ୍ଗ ଦେଇ ବଜାରକୁ ବିକୁଥିବା ଦେଖାଯାଇଛି। ଲୋକେ ଲାଲ ଲିଚୁ ଦେଖିପାରିଥିବା ଭାବିକିଣି ନେଉଛନ୍ତି। କିନ୍ତୁ ଏସବୁ ବିଷାକ୍ତ ରାସାୟନିକ ତରଳ ଶରୀର ପାଇଁ କେତେ କ୍ଷତିକାରକ ତାହା କେହି ଜାଣିବାକୁ ଚେଷ୍ଟା କରୁନାହାଁନ୍ତି। ସବୁଠାରୁ ବଡ କଥା ହେଲା, ଏ ସମ୍ପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିରବ। ଆଜି ଯାଏ ସୁନ୍ଦରଗଡ ବଜାରରେ ବିକ୍ରି ହେଉଥିବା ଫଳ ଖାଦ୍ୟ ଉପଯୋଗୀ କି ନୁହେଁ, ରାସାୟନିକ ତରଳ ବ୍ୟବହାର କରାଯାଇଛି କି ନାହିଁ ତା'ର ଯାଞ୍ଚ କରିଥିବାର ଗୋଟିଏ ବି ନଜିର ନାହିଁ। ଯାହାର ସୁଯୋଗ ନେଇ ଲୋକଙ୍କ ଜୀବନକୁ ପରବାଏ ନକରି ରଙ୍ଗ ଦିଆ ରାସାୟନିକ ଔଷଧ ଦିଆ ଫଳ ବଜାରକୁ ଛାଡୁଛନ୍ତି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera